୬ ଚମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ଘୋଷଣା




30 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

# ସମ୍ବାଦ କଳିକା

TM
The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୩୫୧ ● ୧୯ ଜାନୁଆରୀ ୨୦୨୫, ରବିବାର ● ଭୁବନେଶ୍ୱର ● Vol -31 ● Issue-351 ● 19th January 2025, Sunday ● Bhubaneswar

Licensed to post without pre-payment of postage No- BN-60/25-27


## ହିତାଧିକାରୀଙ୍କୁ ସମ୍ପତ୍ତି କାର୍ଡ ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ

ରାୟଗଡା, ୧୮।୧

ନ୍ୟୁଜ୍ ବ୍ୟୁରୋ

ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ସାରା ଭାରତରେ ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଛନ୍ତି। ହିତାଧିକାରୀଙ୍କୁ ସମ୍ପତ୍ତି ପତ୍ର ବଣ୍ଟନ କରିବା ସହ ଦେଶର ୫ ଜଣ ହିତାଧିକାରୀଙ୍କ ସହ ଆଭାସୀରେ ପ୍ରଧାନମନ୍ତ୍ରୀ ବାର୍ତ୍ତାଳାପ କରିଛନ୍ତି ।

ଏହି ଅବସରରେ ଓଡ଼ିଶାର ରାୟଗଡା ଜିଲ୍ଲା ସଦର ମହକୁମାଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେଲିକପ୍ଟର ଯୋଗେ ଆସି ରାୟଗଡା ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତରେ ହିତାଧିକାରୀମାନଙ୍କୁ ସ୍ୱାମୀତ୍ୱ ଯୋଜନାରେ ସମ୍ପତ୍ତି କାର୍ଡ ବଣ୍ଟନ କରିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ରାୟଗଡା ଜିଲ୍ଲାରେ ୨୪୨ ଜଣ ହିତାଧିକାରୀଙ୍କ ଜମି ଡ୍ରୋନ ମାଧ୍ୟମରେ ଚିହ୍ନଟ କରି ସମ୍ପତ୍ତି କାର୍ଡ ପ୍ରଦାନ କରାଯାଇଛି ।



ଏହି ସମ୍ପତ୍ତି କାର୍ଡ ମାଧ୍ୟମରେ ହିତାଧିକାରୀ ସରକାରଙ୍କ ବିଭିନ୍ନ ଯୋଜନାରେ ଉପକୃତ ହେବା ସହ ବ୍ୟାଙ୍କରେ ଦେଖାଇ ଲୋନ ନେଇ ନିଜର ଆର୍ଥିକ ବିକାଶ କରି ପାରିବେ। ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଛନ୍ତି, କେନ୍ଦ୍ର ସରକାରଙ୍କ ସର୍ବେକ୍ଷଣ ବିଭାଗ ଏବଂ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଦ୍ୱାରା ଡ୍ରୋନ ମାଧ୍ୟମରେ ଚିହ୍ନଟ କରାଯାଇ ଓଡିଶାର ରାୟଗଡା, ଝାରସୁଗୁଡା, ନବରଙ୍ଗପୁର, ଗଜପତି ଓ ଢେଙ୍କାନାଳ ଆଦି ୫ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି।

ଏଥିରେ ୩୦୩୯ ଗୋଟି ରାଜସ୍ୱ ଗ୍ରାମର ସର୍ଭେ କରାଯାଇ ହିତାଧିକାରୀ ଚିହ୍ନଟ କରାଯାଇଛି । ସ୍ୱାମୀତ୍ୱ ଯୋଜନାରେ ସମ୍ପତ୍ତି କାର୍ଡ ପ୍ରଦାନ ପ୍ରଧାନମନ୍ତ୍ରୀଙ୍କ ଏକ ଐତିହାସିକ ପଦକ୍ଷେପ ଏବଂ ଏହି ଯୋଜନାରେ ରାୟଗଡା ଭଳି ଅନୁନ୍ନତ ଜିଲ୍ଲାର ବହୁ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି (ପୃଷ୍ଠା ୭ରେ)

## ରଘୁରାଜପୁର ଓ କୋଣାର୍କ ବୁଲିଲେ ସିଙ୍ଗାପୁର ରାଷ୍ଟ୍ରପତି

ଭୁବନେଶ୍ୱର, ୧୮।୧

ନ୍ୟୁଜ୍ ବ୍ୟୁରୋ

ସିଙ୍ଗାପୁର ଜନରାଜ୍ୟର ମହାମହିମ ରାଷ୍ଟ୍ରପତି ଥାର୍ମନ ଶନମୁଗରତ୍ନମ ଶନିବାର ପୁରୀ ଜିଲ୍ଲାର ଐତିହ୍ୟ ଗ୍ରାମ ରଘୁରାଜପୁର ଏବଂ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ରାଷ୍ଟ୍ରପତି ଥାର୍ମନ ଶନମୁଗରତ୍ନମ ଏବଂ ତାଙ୍କ ଧର୍ମପତ୍ନୀ ରଘୁରାଜପୁର ଠାରେ ପହଞ୍ଚିବା ପରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସମର୍ଥ ବର୍ମା, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲ୍ଲା ଆରକ୍ଷୀ ଅଧିକାରୀ ବିନୀତ ଅଗ୍ରୱାଲ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ପାରମ୍ପାରିକ ଲୋକକଳା ଏବଂ ଗୋଟିପୁଅ ନୃତ୍ୟ ପରିବେଷଣ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ ରାଷ୍ଟ୍ରପତି ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନ କରିବା ସହିତ ପଟ୍ଟଚିତ୍ର ଶିଳ୍ପୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ପଟ୍ଟଚିତ୍ରରେ ରହିଥିବା ସୁନ୍ଦର କାରୁକାର୍ଯ୍ୟ ଦେଖି ସେ ପଟ୍ଟଚିତ୍ର କଳାର ଖୁବ ପ୍ରଶଂସା କରିଥିଲେ। ରଘୁରାଜପୁର ଗ୍ରାମ, ପ୍ରଦର୍ଶନୀ ସ୍ଥଳ, ଅଙ୍ଗନବାଡ଼ି କେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ର ଆଦି ପରିଭ୍ରମଣ କରିସାରିବା ପରେ ରାଷ୍ଟ୍ରପତି




କୋଣାର୍କ ମନ୍ଦିର ପରିଦର୍ଶନରେ ଯାଇଥିଲେ। କୋଣାର୍କରେ ପ୍ରଥମେ ଆଇଓସିଏଲର ଇଣ୍ଟରପ୍ରିଟେସନ କେନ୍ଦ୍ର ପରିଦର୍ଶନ କରିସାରିବା ପରେ ରାଷ୍ଟ୍ରପତି ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଦେଖିଥିଲେ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ପ୍ରତିନିଧି ଓ ଗାଇଡମାନେ ରାଷ୍ଟ୍ରପତିଙ୍କୁ କୋଣାର୍କ ମନ୍ଦିର ସମ୍ପର୍କରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପରେ ପରେ ରାଷ୍ଟ୍ରପତିଙ୍କ ସହ ସିଙ୍ଗାପୁରରୁ ଆସିଥିବା ପ୍ରତିନିଧି ମଣ୍ଡଳୀ ମଧ୍ୟ କୋଣାର୍କ ମନ୍ଦିର ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର, ଆଇଜି ଅନୂପ କୁମାର ସାହୁ, ଡିଆଇଜି ଅଖିଳେଶ୍ୱର ସିଂ, ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ-ଜିଲ୍ଲାପାଳ ନୀଳମାଧବ ମାଝୀ, ପୁରୀ ସଦର ବିଡ଼ିଓ ସମ୍ବିତ ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଲୋକସମ୍ପର୍କ ଅଧିକାରୀ ଅମ୍ଳାନ ଦାସ ପୁରୀ ଗୋପ ବ୍ଲକର ବିଡ଼ିଓ ତଥା କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଛବିରାଣୀ ସାହୁ, କାକଟପୁର ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ଗୋପ ତହସିଲଦାର ଅନୀଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜାନୁଆରୀ ୩୧ରୁ ସଂସଦର ବଜେଟ୍ ଅଧିବେଶନ



ନୂଆଦିଲ୍ଲୀ, ୧୮।୧

ପାର୍ଲାମେଣ୍ଟ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩୧ରୁ ଆରମ୍ଭ ହୋଇ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିପାରେ। ଜାନୁଆରୀ ୩୧ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକସଭା ଓ ରାଜ୍ୟସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ଏହାପରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ। ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ କ୍ରମାଗତ ଅଷ୍ଟମଥର ପାଇଁ ବଜେଟ୍ ଉପସ୍ଥାପନ କରିବେ। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇ ଏପ୍ରିଲ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ସମ୍ଭବତଃ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିପାରେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଉଭୟ ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହେବ ଏବଂ ପ୍ରଧାନମନ୍ତ୍ରୀଙ୍କ ଉତ୍ତର ସହ ପ୍ରଥମ ପର୍ଯ୍ୟାୟ ଶେଷ ହେବ।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ପ୍ରଶାସନ କିଣୁନି ଧାନ: ରାସ୍ତାରୋକ କଲେ ଚାଷୀ

ପାରଳାଖେମୁଣ୍ଡି, ୧୮।୧

ନ୍ୟୁଜ୍ ବ୍ୟୁରୋ

ଜାନୁଆରୀ ମାସର ଅଧା ସରିଲାଣି, ତଥାପି ଧାନ କିଣାଯାଉନାହିଁ । ବାରମ୍ବାର ଦାବି ପରେ ମଧ୍ୟ ପ୍ରଶାସନ ଶୁଣୁନାହିଁ । ଫଳରେ ଆଜି ଯାଏଁ ଗଜପତି ଜିଲ୍ଲା ଗୋଷାଣୀ ବ୍ଲକର ଜଣେ ହେଲେ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ଶନିବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ସ୍ଥାନୀୟ ସାତମାଇଲ ଛକରେ ଚାଷୀ ରାସ୍ତାରୋକ କରିଥିଲେ।

ଘଟଣାସ୍ଥଳରେ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ପାରଳାଖେମୁଣ୍ଡି ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନାରେ ସନ୍ତୁଷ୍ଟ ନଥିବା ଚାଷୀ ପ୍ରାୟ ୩ ଘଣ୍ଟାରୁ ଅଧିକ



ସମୟ ରାସ୍ତାରୋକ କରିଥିଲେ । ପରେ ଏହିସବୁ ଧାନ ଅତିଶୀଘ୍ର କିଣାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ବର୍ଷ ତମାମ ଖରା, ବର୍ଷା ଓ ଶୀତରେ ଖଟି ଉତ୍ପାଦନ କରିଥିବା ଫସଲ ଠିକ ଅମଳ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ହେଲେ ଏବେ ପ୍ରଶାସନିକ ଅବହେଳା ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ନିରାଶ କରିଛି । ନଭେମ୍ବର ଶେଷ ସପ୍ତାହରେ ମଣ୍ଡି ଖୋଲିବା କଥା ହେଲେ ଚଳିତ ବର୍ଷ ଜାନୁଆରୀ (ପୃଷ୍ଠା ୭ରେ)

## ପାକିସ୍ତାନୀ ଆତଙ୍କବାଦ ଏକ କ୍ୟାନସର, ଯାହା ଏବେ ନିଜକୁ ଖାଇ ଚାଲିଛି

ନୂଆଦିଲ୍ଲୀ, ୧୮।୧

ପଡ଼ୋଶୀ ଦେଶ ପାକିସ୍ତାନର ପରିସ୍ଥିତି ଉପରେ କଟାକ୍ଷ କରିଛନ୍ତି ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ ପାକିସ୍ତାନକୁ ଏହାର ବର୍ତ୍ତମାନର ସମସ୍ୟା ପାଇଁ ଦାୟୀ କରିଛନ୍ତି । ସେ କହିଛନ୍ତି ଯେ ପାକିସ୍ତାନ ସର୍ବଦା ସୀମାପାର ଆତଙ୍କବାଦକୁ ସମର୍ଥନ କରିଆସିଛି ଏବଂ ଏହି କର୍କଟ ଏବେ ଏହାର ନିଜସ୍ୱ ରାଜନୈତିକ ଗଠନକୁ ଗ୍ରାସ କରୁଛି। ଶନିବାର ମୁମ୍ବାଇରେ ଅନୁଷ୍ଠିତ ୧୯ତମ ନାନି ଏ ପାଲକିୱାଲା ସ୍ମାରକୀ ବକ୍ତୃତାରେ ବୈଦେଶିକ ମନ୍ତ୍ରୀ ଏହି ବିବୃତ୍ତି ଦେଇଛନ୍ତି।

ଏହି ସମୟରେ, ସେ ତାଙ୍କ ଭାଷଣରେ ଭାରତୀୟ ବୈଦେଶିକ ନୀତିର ବିଭିନ୍ନ ଦିଗ ବିଷୟରେ କହିଥିଲେ । ସେ ପଡ଼ୋଶୀ ଦେଶଗୁଡ଼ିକର ପରିସ୍ଥିତି ସମ୍ପର୍କରେ ଭାରତର



କୂଟନୈତିକ ଆଭିମୁଖ୍ୟ ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଭାରତର ପ୍ରୟାସ ଅଧିକରୁ ଅଧିକ ବନ୍ଧୁ ସୃଷ୍ଟି କରିବା ଏବଂ ସମସ୍ୟା ହ୍ରାସ କରିବା।

ଏସ ଜୟଶଙ୍କର କହିଛନ୍ତି, ପ୍ରତ୍ୟେକ ପରିସ୍ଥିତିରେ ଆମର ବିକାଶର ଗତି ବଜାୟ ରଖିବା ପାଇଁ, ଆଭ୍ୟନ୍ତରୀଣ ବିକାଶ ଏବଂ ଆଧୁନିକୀକରଣ ବ୍ୟତୀତ, ବାହ୍ୟ ବିପଦକୁ ମଧ୍ୟ ହ୍ରାସ କରିବାର ଆବଶ୍ୟକତା ଅଛି। ସେ କହିଥିଲେ, ରଣନୈତିକ ସ୍ୱାୟତ୍ତତା ବହୁତ ଗୁରୁତ୍ୱପୂର୍ଣ୍ଣ। ଭାରତ ଅଣ-ପାଶ୍ଚାତ୍ୟ ହୋଇପାରେ, କିନ୍ତୁ ରଣନୈତିକ ସ୍ୱାର୍ଥକୁ ଧ୍ୟାନରେ ରଖି, ଏହା ମନେ ରଖିବା ଉଚିତ ଯେ ଭାରତ ପଶ୍ଚିମ-ବିରୋଧୀ ନୁହେଁ। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ବିଶ୍ୱରେ ଭାରତର ପ୍ରତିଛବି ଏକ ସହଯୋଗ ଏବଂ ବନ୍ଧୁତ୍ୱପୂର୍ଣ୍ଣ । ଦେଶର ଆମେ ଭବିଷ୍ୟତରେ ମଧ୍ୟ ଏହି ପ୍ରତିଛବି ବଜାୟ ରଖିବୁ।

## ଗାଡ଼ି ବୀମା ନଥିଲେ ଧରିବ ଟୋଲ୍‌ଗେଟ୍ ଜରିମାନା ସହିତ ଜେଲ ଦଣ୍ଡ




ଭୁବନେଶ୍ୱର, ୧୮।୧

ନ୍ୟୁଜ୍ ବ୍ୟୁରୋ

ଫେବୃୟାରୀ ପହିଲାରୁ ସାରା ରାଜ୍ୟରେ ପରିବହନ ବିଭାଗ ପକ୍ଷରୁ ନୂଆ ବ୍ୟବସ୍ଥା କରାଯାଇଛି । ଗାଡ଼ି ବୀମା ନଥିଲେ ଟୋଲ୍‌ଗେଟ୍‌ରେ ଜଣାପଡ଼ିବା ସହିତ ଉଲ୍ଲଂଘନକାରୀଙ୍କୁ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରାଯିବ।

ଗାଡ଼ି ମାଲିକଙ୍କ ପାଖକୁ ଇ-ଚାଲାଣ ଯିବ। ଇ-ଡିଟେକସନ ପ୍ରକ୍ରିୟାରେ ଏହା କାର୍ଯ୍ୟ ହେବ। ରାଜ୍ୟର ୨୨ଟି ଟୋଲ୍‌ଗେଟ୍‌ରେ ଏହା କାର୍ଯ୍ୟକାରୀ ହେବ। ପ୍ରଥମେ ଧରାପଡ଼ିଲେ ୨ ହଜାର ଟଙ୍କା ଜରିମାନା ଅବା ୩ ମାସ ଜେଲ ଦଣ୍ଡାଦେଶ କରାଯିବ।

ସେହିପରି ଦ୍ୱିତୀୟ ଥର ପାଇଁ ଧରାପଡ଼ିଲେ ୪ ହଜାର ଟଙ୍କା ଜରିମାନା ଅବା ୩ ମାସ ଜେଲ ଦଣ୍ଡାଦେଶ କରାଯିବ। ଉଭୟ ଦଣ୍ଡାଦେଶ ଏକା ସହିତ (ପୃଷ୍ଠା ୭ରେ)

## ତେଜସ୍ୱୀ ଯାଦବ ଆରଜେଡିର ନୂଆ ସୁପ୍ରିମୋ : ଲାଲୁ ଯୁଗର ଅବସାନ

ପାଟନା, ୧୮।୧

ତେଜସ୍ୱୀ ଯାଦବ ହେବେ ବିହାରରେ ଆରଜେଡିର ନୂଆ ମୁଖ୍ୟ । ଆରଜେଡିରେ ଏବେ ଏକ ତେଜସ୍ୱୀ ଯୁଗ ଆରମ୍ଭ ହୋଇଛି। ଶନିବାର ପାଟନାରେ ଦଳର କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଦଳୀୟ ସମ୍ବିଧାନ ସଂଶୋଧନ ପାଇଁ ଏକ ପ୍ରସ୍ତାବ ଜାତୀୟ କାର୍ଯ୍ୟକାରିଣୀରେ ପାରିତ ହୋଇଥିଲା। ଦଳରେ ଲାଲୁ ଯାଦବଙ୍କୁ ଯେଉଁ ଅଧିକାର ମିଳିଥିଲା ତାହା ଏବେ ତେଜସ୍ୱୀ ଯାଦବଙ୍କୁ ମଧ୍ୟ ଦିଆଯାଇଛି । ତେଜସ୍ୱୀ ଯାଦବ ଏବେ ନିର୍ବାଚନରେ ଯାହାକୁ ଚାହିଁବେ ତାଙ୍କୁ ଦଳୀୟ ଚିହ୍ନ ଦେଇପାରିବେ ଏବଂ ଦଳ ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇପାରିବେ ।

ଜାତୀୟ କାର୍ଯ୍ୟକାରିଣୀରେ ଆରଜେଡିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଆଲୋକ



ମେହେଟ୍ଟା ଦଳର ସମ୍ବିଧାନରେ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ, ଯାହା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା।

ଜାତୀୟ କାର୍ଯ୍ୟକାରିଣୀରେ ଆରଜେଡିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଆଲୋକ ମେହେଟ୍ଟା ଦଳର ସମ୍ବିଧାନରେ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ, ଯାହା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାପତି ଜଗଦାନନ୍ଦ ସିଂହ କିମ୍ବା ତାଙ୍କ ସାଂସଦ ପୁଅ ସୁଧାକର ସିଂହ ଯୋଗ ଦେଇନଥିଲେ। ତେବେ ଏହି ନେତାଙ୍କ (ପୃଷ୍ଠା ୭ରେ)

## ରାଜଭବନ ଛକରେ ଭୟଙ୍କର ସିରିଜ୍ ଦୁର୍ଘଟଣା: ଜଣେ ମୃତ, ୪ ଗୁରୁତର

ଭୁବନେଶ୍ୱର, ୧୮।୧

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ରାଜଭବନ ଛକରେ ଶନିବାର ସିରିଜ ଦୁର୍ଘଟଣା ଘଟିଛି । ଏକ କାର ଗୋଟିଏ ବାଇକ୍‌କୁ ଘୋଷାଡ଼ି ନେବା ସହ ଆଉ ଏକ ବାଇକ୍‌କୁ ପିଟି ଡିଭାଇଡରରେ ଚଢ଼ିଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ୪ଜଣ ଗୁରୁତର ହୋଇଛନ୍ତି । କ୍ୟାପିଟାଲ ହସ୍ପିଟାଲରେ ଗୁରୁତରମାନଙ୍କୁ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି।

ସୂଚନାନୁଯାୟୀ, ସର୍କିଟ ହାଉସରୁ ଏକ ଆଇ୨୦ କାର ସିଧାସଳଖ ରାଜଭବନରୁ ଭୁଲ ପଟରେ ଗୋପବନ୍ଧୁ ଛକକୁ ଯିବାକୁ ଅଗ୍ରସର ହେଉଥିଲା। ଗୋପବନ୍ଧୁ ଛକରୁ ଗୋଟିଏ ବାଇକ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଧନୀ ଯେତକ ଖାଆନ୍ତି ରାସନ
ଗରିବ ଭୋକରେ ଆଁ
ଏଇ କଥାଟା ନୁହେଁ ନୂଆ ଜମା
ମିଛେ କୁହ ନାହିଁ ନାଁ
ଧରପଗଡ ଚାଲିବ ହାଁ
ଧନୀ ମାର୍କେଟରୁ କିଣିବେ ଏଥର
ସେ ଚିନ୍ତାରେ ପେଟରେ ଘା...

## ନକ୍ସଲ ସୁଡଙ୍ଗ ଠାବ : ସୁଡଙ୍ଗରେ ବୋମା ଓ ବନ୍ଧୁକ ତିଆରି କାରଖାନା



ମାଲକାନଗିରି, ୧୮।୧

ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର, ସୁକମା ଏବଂ ତେଲେଙ୍ଗାନା ସୀମାରେ ଗତ ଦୁଇ ଦିନ ତଳେ ହୋଇଥିବା ବଡ଼ ଧରଣର ଅପରେସନରେ ୧୨ ଜଣ ନକ୍ସଲ ମୃତ୍ୟୁ ବରଣ କରିଥିଲେ। ଏଥିରେ ୫ ଜଣ ମହିଳା ନକ୍ସଲ ଥିବାବେଳେ ୭ ଜଣ କ୍ୟାଡର ନକ୍ସଲ ମୃତ୍ୟୁବରଣ କରିଥିଲେ । ବିଜାପୁର ଜିଲ୍ଲା ସୀମାରେ ରହିଥିବା ତୁମରେଲ ଏବଂ ତଲପେରୁ ନଦୀ ମଧ୍ୟରେ ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲରେ ଏକ ବିଶାଳ ସୁଡଙ୍ଗ ଠାବ କରିଛନ୍ତି।

ତେବେ ଯବାନ ଅତି ସତର୍କତାର ସହ ସୁଡଙ୍ଗ ଭିତରେ ପଶିଥିଲେ। ଯବାନ ସୁଡଙ୍ଗରେ ପଶି ଯାହା ଦେଖିଲେ ସେମାନଙ୍କର ହୋସ ଉଡିଯାଇଥିଲା। ସୁଡଙ୍ଗ ଭିତରେ ବୋମା ଓ ବନ୍ଧୁକ ତିଆରି କରିବା କାରଖାନା ମହଜୁଦ ରହିଥିବା କୁହାଯାଉଛି । ନକ୍ସଲ ନୂତନ ଧରଣର ଟେକନିକ ବ୍ୟବହାର କରି ବୋମା ଏବଂ ବନ୍ଧୁକ ତିଆରି କରୁଥିଲେ।

ସୁଡଙ୍ଗ ଭିତରେ ବୋମା ତିଆରି କରିବା ପାଇଁ କାଚ ବୋତଲଗୁଡିକ ପଡିଥିଲା। ସେହିପରି ବନ୍ଧୁକ (ପୃଷ୍ଠା ୭ରେ)

## ଭୁବନେଶ୍ୱର ବିମାନବନ୍ଦରରୁ ୭ କୋଟି ଟଙ୍କାର ମାରିଜୁଆନା ଜବତ କଲା କଷ୍ଟମ ବିଭାଗ

ଭୁବନେଶ୍ୱର, ୧୮।୧

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ବିମାନବନ୍ଦରରୁ ୭ କୋଟି ଟଙ୍କାର ମାରିଜୁଆନା ଜବତ କରିଛି କଷ୍ଟମ ବିଭାଗ। ଏହି ମାରିଜୁଆନାର ମୂଲ୍ୟ ୭ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ବ୍ୟାଙ୍କକରୁ ଆସୁଥିଲା ଏହି ମାରିଜୁଆନା। ଏହି ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି କଷ୍ଟମ ଏୟାର ଇଣ୍ଟେଲିଜେନ୍ସ ଟିମ୍।

ପୂର୍ବରୁ ପ୍ରାୟ ୧୫ ଦିନ ଭିତରେ ପାଖାପାଖି ୧୫ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି । ବ୍ୟାଙ୍କକ ଓ କ୍ୱାଲାଲମପୁରରୁ




ପୂର୍ବରୁ ଆସୁଥିଲା ଏହି ଦାମୀ ନିଶା । ପୂର୍ବରୁ ୨ ଜଣ ମହିଳା ଓ ଜଣେ ଯୁବକଙ୍କୁ ଗିରଫ କରାଯାଇଥିବା ବେଳେ ବିମାନବନ୍ଦର ବର୍ତ୍ତମାନ ନିଶା କାରବାରର ଗେଟ୍ ପାଲଟିଥିବା ଚର୍ଚ୍ଚା ଜୋର ଧରିଛି । ସେପଟେ ଏସବୁର ମାଷ୍ଟରମାଇଣ୍ଡ ଓ ଇଣ୍ଟର ନ୍ୟାସନାଲ ଲିଙ୍କ ନେଇ ଖୋଲତାଡ଼ ଚଳାଇଛି କଷ୍ଟମ ବିଭାଗ।





# ନିଶାମୁକ୍ତ ହେବ ଉଚ୍ଚ ଶିକ୍ଷାନୁଷ୍ଠାନ କ୍ୟାମ୍ପସ, ସବୁଠି ଜୋରଦାର ହେବ ସଚେତନତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଶାମୁକ୍ତ ହେବ ସମସ୍ତ ଶିକ୍ଷାନୁଷ୍ଠାନ ପରିସର । ଆଜିର ସମୟରେ ନିଶା ସେବନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ । ଏହାର ପ୍ରଭାବରେ ଯୁବପିଢ଼ିଙ୍କ ମଧ୍ୟରେ ହିଂସା ହତ୍ୟା ଲୁଣ୍ଠନ ଭଳି ମନୋବାବ ବଢିବାରେ ଲାଗିଛି । ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଯୁବ ସମାଜ ପଥ ଭ୍ରଷ୍ଟ ହେଉଥିବାରୁ ଚିନ୍ତା ବଢ଼ାଇଛି । ଏନେଇ ନିଶାଦ୍ରବ୍ୟକୁ ନେଇ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସଚେତନତା କରାଯିବ। ଶିକ୍ଷାନୁଷ୍ଠାନରେ ସଚେତନତା କରାଯିବ । ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ନିଶାମୁକ୍ତ ଭାରତ ଅଭିଯାନକୁ ଜୋରଦାର କରିବାକୁ ୟୁଜିସି ନିର୍ଦ୍ଦେଶ ଦେଇଛି । ବେ ?ଷୟିକ ଶିକ୍ଷା ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହ ସମନ୍ୱୟ ରଖି କାମ କରିବ ଉଚ୍ଚଶିକ୍ଷା ବିଭାଗ । ଉଭୟ କଲେଜ ଓ ହଷ୍ଟେଲ ଗୁଡ଼ିକରେ ଏହାକୁ କଡ଼ାକଡ଼ି କରାଯିବ ପାଇଁ ନିର୍ଦ୍ଦେଶ ରହୁଛି । ଏନେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, 'ଟଏଉଙ୍କ ପରାମର୍ଶ କ୍ରମେ ଆମେ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ନିଶାମୁକ୍ତ କରିବା ଦିଗରେ ଅଗ୍ରସର ହେବୁ । ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷାକୁ ନେଇ କାମ କରିବୁ । ଏନେଇ ଟଏଉ ଏକ ନିର୍ଦ୍ଦେଶାବଳୀ ଦେଇଛନ୍ତି, ଯାହା ସ୍ୱାଗତଯୋଗ୍ୟ ଅଟେ । କେମିତି କମିଟି ହେବ, ପିଲାଙ୍କ ଭିତରେ ସଚେତନତା ସୃଷ୍ଟି ଓ ପାଠ୍ୟକ୍ରମରେ ସାମିଲ କରିବା ଦିଗରେ ପଦକ୍ଷେପ ନିଆଯିବ । ଏହା ସାମାଜିକ ସୁରକ୍ଷା ପାଇଁ ପାଳନ ହେବାର ଆବଶ୍ୟକତା ଅଛି ।' ଏନେଇ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ନିରୁପମା ମଙ୍ଗରାଜ କହିଛନ୍ତି, 'ସ୍କୁଲ ହତା ମଧ୍ୟରେ ବା ହତା ବାହାର ପାଖରେ ନିଶାଦ୍ରବ୍ୟ ବିକ୍ରି କରିବା ନେଇ ନଜରକୁ ଆସିନାହିଁ । ପିଲାଙ୍କୁ ସବୁବେଳେ ନିଶାଦ୍ରବ୍ୟକୁ ନେଇ ସଚେତନତା କରାଯାଉଛି । ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିଛି । ନିର୍ଦ୍ଦେଶ ଅନୁସାରେ ପିଲାମାନଙ୍କୁ ଆମେ ସଚେତନ କରୁଛୁ । ଏହାସହ ଅଭିଭାବକମାନଙ୍କୁ ମଧ୍ୟ ସ୍କୁଲ ବୈଠକରେ ସଚେତନତା କରାଯାଉଛି ।' ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ବୈଷୟିକ ଓ ଭେଷଜ ଅନୁଷ୍ଠାନ, ଆଇ ଆଇ ଏମ୍ ଓ ଆଇଆଇଟି ଆଦି ଶିକ୍ଷାନୁଷ୍ଠାନରେ ସଚେତନତା ପାଇଁ ଶପଥ ପାଠ ଗ୍ରହଣ କରାଯିବାର ଯୋଜନା କରାଯାଇଛି । ଏହା ସହ ସାଂସ୍କୃତିକ ସାମାଜିକ କ୍ରୀଡା ଓ ଗଣଦୌଡ ମାଧ୍ୟମରେ ନିଶା ନିବାରଣ ସମ୍ବନ୍ଧୀୟ ପ୍ରଚାରପ୍ରସାର କରାଯିବ ବୋଲି ୟୁଜିସି ପ୍ରକାଶ କରିଛନ୍ତି ।

# ଆତଙ୍କୀ ଗତିବିଧି ସମ୍ପୃକ୍ତିରେ ଓଡ଼ିଶାର ଲମ୍ବା ଇତିହାସ : ଥରକୁ ଥର ବାହାରୁଛି ଲିଙ୍କ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆତଙ୍କୀ ଗତିବିଧି ସମ୍ପୃକ୍ତି ନେଇ ଓଡ଼ିଶାରେ ଲମ୍ବା ଇତିହାସ ରହିଛି । ଏଠାରେ ଫୁଲ ବ୍ୟବସାୟୀ, ଡାକ୍ତର ଓ ମୌଲବୀ ପରିଚୟରେ ଆତଙ୍କବାଦୀ, ସ୍ଲିପର ସେଲ୍ ଲୁଚିଥିଲେ । ଶତ୍ରୁରାଷ୍ଟ୍ର ପାଇଁ ଗୁପ୍ତଚର ଯୋଗାଉଥିଲେ । ହନିଟ୍ରାପ୍ ଜାଲ ବିଛାଇ ଶତ୍ରୁରାଷ୍ଟ୍ରକୁ ଗୁପ୍ତ ତଥ୍ୟ ପଠାଉଥିଲେ । ସିମ୍ ବାକ୍ସ ରାକେଟ୍, ଓଟିପି ସେୟାରିଂ ସ୍କାମ୍‌ରେ ଆତଙ୍କୀ ଲିଙ୍କ୍ ଘଟଣା କାହାରିକୁ ଅଛପା ନାହିଁ। ୨୦୧୬ ଫେବ୍ରୁଆରୀରେ ରାଉରକେଲା ନାଲା ରୋଡରେ ୪ଜଣ ଷ୍ଟୁଡେଣ୍ଟ ଇସଲାମିକ ମୁଭମେଣ୍ଟ ଇଣ୍ଡିଆ (ସିମି) ଛାତ୍ର ଫୁଲ ବ୍ୟବସାୟ ଆଳରେ ଏକ ଭଡ଼ାଘରେ ଲୁଚିକି ରହୁଥିଲେ । ସମସ୍ତେ ମଧ୍ୟପ୍ରଦେଶର ଖଣ୍ଡୁଆ ଜିଲ୍ଲାର । ଏମାନଙ୍କ ମଧ୍ୟରୁ ୪ଜଣ ୨୦୧୩ରେ ଖଣ୍ଡୁଆ ଜେଲ୍‌ରୁ ଖସି ପଳାଇଥିଲେ । ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା ଓ ତାମିଲନାଡୁରେ ୧୭ଟି ଆତଙ୍କୀ ଆକ୍ରମଣ, ପୁଲିସକୁ ହତ୍ୟା ଓ ବ୍ୟାଙ୍କରେ ଡକାୟତିରେ ଏମାନଙ୍କ ସମ୍ପୃକ୍ତି ଥିଲା । ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଓ ତେଲେଙ୍ଗନା ପୁଲିସ ବିଳମ୍ବ ନ କରି ରାଉରକେଲାରେ ପହଞ୍ଚିଥିଲା । ସ୍ଥାନୀୟ ପୁଲିସ ସହାୟତାରେ ସେଠାରେ ରାତି ୧ଟାରେ ଚଢ଼ଉ କରିଥିଲା । ରାତି ୪ଟା ଯାଏଁ ଗୁଳି ବିନିମୟ ଚାଲିଥିଲା । ସମସ୍ତଙ୍କୁ କାବୁ କରିବା ସହ ୩ଟି ପିସ୍ତଲ, ୫ଟି ରିଭଲବର ଓ ୧୧ ରାଉଣ୍ଡ ଅଫୁଟା ଗୁଳି ଜବତ କରାଗଲା । ଠିକ୍ ମାସକ ପରେ ମଧ୍ୟପ୍ରଦେଶ ପୁଲିସ ସେମାନଙ୍କୁ ଏନକାଉଣ୍ଟରରେ ମାରିଥିଲା । ତାଙ୍କ ସହ ରହୁଥିବା ଜଣେ ବୟସ୍କା ମହିଳାଙ୍କୁ ମଧ୍ୟ ଗିରଫ କରି ରାଉରକେଲା ଜେଲରେ ଥିଲେ । ତଦନ୍ତରୁ ଜଣାପଡ଼ିଥିଲା, ଏମାନେ ସୁନ୍ଦରଗଡ଼ ଓ ଅନ୍ୟାନ୍ୟ ସ୍ଥାନରେ ବ୍ୟାଙ୍କ ଡକାୟତି କରିବା ସହ ରାଷ୍ଟ୍ର ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିଲେ । ଗତବର୍ଷ ଡିସେମ୍ବରରେ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଯାଜପୁର ଧର୍ମଶାଳା ଥାନା ନେଉଳପୁରରୁ ସୟଦ ଇଶାନ ବୁଖାରୀ ନାମକ କାଶ୍ମୀର ଯୁବକକୁ ଗିରଫ କରିଥିଲା । ଉତ୍ତର କାଶ୍ମୀର କୁପୱାରା ଜିଲ୍ଲାର ଇଶାନ୍ ଏଠାରେ ନକଲି ସେନା ଡାକ୍ତର ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଅଧିକାରୀ ପରିଚୟରେ ରହୁଥିଲା । ତଦନ୍ତରୁ ଜଣାପଡ଼ିଥିଲା, ସେ କାଶ୍ମୀର ପୁଲିସର ମୋଷ୍ଟ ୱାଣ୍ଟେଡ୍ ଥିଲା । ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ଏଜେଣ୍ଟଙ୍କ ସହ ସମ୍ପର୍କରେ ଥିଲା । ନକଲି ଡାକ୍ତର ସାଜି ଲଭ୍ ଜିହାଦ ଆଳରେ ଏଠାକାର ଯୁବତୀଙ୍କୁ ଫସାଇବାରେ ସେ ଧୁରନ୍ଧର ଥିଲା । ଆଉ ଜିହାଦୀ ହେବା ପାଇଁ ସେମାନଙ୍କୁ ଶତ୍ରୁରାଷ୍ଟ୍ରକୁ ପଠାଉଥିଲା । ସ୍ଲିପର୍ ସେଲ୍ କିମ୍ବା ଗୁପ୍ତଚର ଯୋଗାଡ଼ କରୁଥିଲା । ସେ ୬ଟି ରାଜ୍ୟରେ ୭ ପତ୍ନୀ ରଖିଥିଲା । ତା'ଠୁ ମିଳିଥିବା ୨ଟି ମୋବାଇଲ୍‌ରୁ ଗୋଟିକରେ ପାକିସ୍ତାନ ଦେଶର ଏକ ସିମ୍ ସକ୍ରିୟ ଥିଲା । ତା'ଠାରୁ ନକଲି ନ୍ୟୁରୋ ସର୍ଜନ ପରିଚୟପତ୍ର ସହ ପୁଳାପୁଳା ନକଲି ଲେଟର ପ୍ୟାଡ୍ ମଧ୍ୟ ପୁଲିସ ଜବତ କରିଥିଲା । ୨୦୧୫ ଡିସେମ୍ବରରେ କଟକ ଜଗତପୁର ପଶ୍ଚିମକଚ୍ଛ ଗାଁରୁ ଅବଦୁଲ୍ ରେହମାନ ଓରଫ୍ ମହମ୍ମଦ ଅବଦୁଲ୍ ରେହମାନଙ୍କୁ ଗିରଫ କରିଥିଲା ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ । କୁଖ୍ୟାତ ଆତଙ୍କବାଦୀ ସଂଗଠନ 'ଅଲକାଏଦା' ସହ ତା' ସମ୍ପୃକ୍ତି ଥିବା ପୁଲିସ ଦର୍ଶାଇଥିଲା । କେନ୍ଦ୍ରୀୟ ଗୁଇନ୍ଦା ତଥ୍ୟ ଆଧାରରେ ଦିଲ୍ଲୀ ପୁଲିସ କିଛି ମାସ ଧରି ଅବଦୁଲ ଉପରେ ତୀକ୍ଷ୍ଣ ନଜର ରଖିଥିଲା । ତଦନ୍ତରୁ ଜଣାପଡ଼ିଥିଲା, ସେ ଟାଙ୍ଗୀ ଅଞ୍ଚଳର ଏକ ମଦ୍ରାସାରେ ଦୀର୍ଘ ବର୍ଷ ଧରି ମୌଲବୀ ଥିଲା । ଉକ୍ତ ମଦ୍ରାସାରେ ଝାଡ଼ଖଣ୍ଡ ଅଞ୍ଚଳର ଅଧିକାଂଶ ଛାତ୍ରଛାତ୍ରୀ ଥିଲେ । ସେମାନଙ୍କୁ ଶିକ୍ଷାଦାନ ନାଁରେ ଆତଙ୍କୀ ପାଠ ପଢ଼ାଉଥିଲା ଅବଦୁଲ । ଅଲ୍‌କାଏଦାର ଆଭିମୁଖ୍ୟ ନେଇ ପିଲାଙ୍କୁ ତାଲିମ୍ ଦେଉଥିଲା । ମଦ୍ରାସାକୁ ଆସୁଥିବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକମାନଙ୍କୁ ଦେଶ ବିରୋଧରେ ଉସ୍‌କାଇବା ଭଳି ଉତ୍ତେଜନାମୂଳକ ଭାଷଣ ଦେଉଥିଲା । ସେ ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, କର୍ଣ୍ଣାଟକର ବିଭିନ୍ନ ସହରକୁ ବାରମ୍ବାର ଯା'ଆସ କରୁଥିଲା । ପରେ ସେ ଅଲ୍‌କାଏଦା ଏକ୍ୟୁଆଇଏସ୍‌ର ସଦସ୍ୟ ବୋଲି ପ୍ରମାଣ ମିଳିଥିଲା । ଗତବର୍ଷ ଫେବୃଆରୀରେ ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି (ଆଇଟିଆର)ରୁ ବାବୁରାମ ଦେ ନାମକ ଜଣେ ବରିଷ୍ଠ ଟେକ୍ନିସିଆନ୍‌କୁ ଗିରଫ କରାଯାଇଥିଲା । ପାକିସ୍ତାନ ରାଓଲପିଣ୍ଡିର ଜଣେ ଯୁବତୀ ତାକୁ ହନିଟ୍ରାପ୍‌ରେ ଫସାଇଥିଲା । ଦୀର୍ଘ ବର୍ଷେ ଧରି ସେ କ୍ଷେପଣାସ୍ତ୍ର ସମ୍ପର୍କୀତ ଗୁପ୍ତ ତଥ୍ୟ ପଠାଉଥିବା ସୁରାକ୍ ମିଳିଥିଲା । ଗୁଇନ୍ଦା ବିଭାଗ ତଥ୍ୟ ଆଧାରରେ ୨୦୨୧ ସେପ୍ଟେମ୍ବର ୧୪ ତାରିଖରେ କ୍ଷେପଣାସ୍ତ୍ର ଘାଟିରୁ ୫ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା । ସେଥିରୁ ୪ଜଣ ଠିକାରେ କାମ କରୁଥିବା ବେଳେ ଜଣେ ଆଇଟିଆରର ଡ୍ରାଇଭର ଥିଲା । ଏମାନେ ଶତ୍ରୁରାଷ୍ଟ୍ରକୁ ତଥ୍ୟ ପଠାଉଥିବା ଅଭିଯୋଗ ହୋଇଥିଲା । ଶତ୍ରୁରାଷ୍ଟ୍ର ସହ ଯୋଗାଯୋଗର ମାଧ୍ୟମ ପାଲଟିଥିବା ସିମ୍ ବାକ୍ସ ରାକେଟ୍, ଓଟିପି ସେୟାରିଂ ସ୍କାମ୍ ମଧ୍ୟ ଓଡ଼ିଶାରୁ ପର୍ଦ୍ଦାଫାଶ ହୋଇଛି । ଗତମାସରେ କମିଶନରେଟ ପୁଲିସ ଭୁବନେଶ୍ୱର, କଟକ ଓ ଝାଡ଼ଖଣ୍ଡ ରାଞ୍ଚିରୁ ୧୭ଟି ସିମ୍ ବାକ୍ସ ଜବତ କରିଥିଲା । ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳକୁ ଗିରଫ କରିଥିଲା । କାର୍ପଟଦାର ଅସାଦୁର ଜମିନ୍ ଏହି ସିମ୍ ବାକ୍ସ ଜରିଆରେ ବାଂଲାଦେଶ ଢାକାରୁ ଆତଙ୍କୀ କାର୍ଯ୍ୟକଳାପ ଚଳାଇଥିବାର ତଥ୍ୟ ମିଳିଥିଲା । ଗତବର୍ଷ ଜୁନ୍‌ରେ ଓଟିପି ସେୟାରିଂ ସ୍କାମ୍‌ରେ ପର୍ଦ୍ଦାଫାଶ କରିଥିଲା କ୍ରାଇମବ୍ରାଞ୍ଚ । ଓଡ଼ିଶାରୁ ୫ ଜଣ ଦାଲାଲ୍ ଗିରଫ ହୋଇଥିଲେ । ଏମାନେ ପାକିସ୍ତାନୀ ଗୁଇନ୍ଦା ଓ ଆତଙ୍କୀ ସଂଗଠନକୁ ଓଟିପି ପଠାଉଥିବା ତଥ୍ୟ ମିଳିଥିଲା । ସ୍କାମ୍‌ର କାର୍ପଟଦାର ଗୁଜରାଟ ବାସିନ୍ଦା ଅଭିଜିତ୍ ସଞ୍ଜୟ ଜମ୍ବୁରେ ସହ ପାକିସ୍ତାନୀ ଗୁଇନ୍ଦା ଦୀର୍ଘ ଦିନ ଧରି ସମ୍ପର୍କ ରଖିଥିଲେ । ଉତ୍ତରପ୍ରଦେଶ ପ୍ରୟାଗରାଜରେ ଧରାପଡିଥିବା ଆତଙ୍କବାଦୀଙ୍କ ସହଯୋଗୀ ଜାହିର ଖାନ୍ ଗିରଫ ହେବା ପରେ ସାରା ଓଡ଼ିଶାରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । କାରଣ ଜାହିର ଖାନ୍ ଘର ଭଦ୍ରକ ଜିଲ୍ଲା ବାସୁଦେବପୁରରେ । ସେ ପ୍ରୟାଗରାଜାର ଏକ ମଦ୍ରାସାରେ ତା'ର ସହଯୋଗୀମାନେ ନକଲି ନୋଟ୍ ଛାପୁଥିଲେ । ସବୁ ଠାରୁ ଆଶ୍ଚର୍ଯ୍ୟ କଥା ହେଲା ଜାହିର ଖାନ୍ ମଦ୍ରାସାରେ ଆରଏସ୍‌ଏସ୍ ବିରୋଧରେ ପାଠ ପଢ଼ା ଯାଉଥିଲା । ଏହି ଘଟଣା ପରେ ଓଡ଼ିଶା ମଦ୍ରାସା ସ୍ଥିତି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୂର୍ବରୁ ଓଡ଼ିଶାରେ ମଧ୍ୟ ମଦ୍ରାସାରେ ଉତ୍ତେଜନାମୂଳକ ଭାଷଣ ଦିଆଯାଉଥିବା ପ୍ରମାଣ ମିଳିଥିଲା । ଏହି ଉତ୍ତେଜନାମୂଳକ ଭାଷଣ ଦେଉଥିଲେ ମୌଲବୀ ଅବଦୁଲ୍ ରେହମାନ । ମାଦ୍ରାସାରେ ଶିକ୍ଷାଦାନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧିକାଂଶ ଝାଡ଼ଖଣ୍ଡ ଅଞ୍ଚଳ ଥିଲେ । ଶିକ୍ଷା ବଦଳିରେ ହିଂସା ଓ ଦଙ୍ଗା ବିଷୟରେ ଅଧିକ ପାଠ ପଠାଉଥିଲେ । ଏହି ମଦ୍ରାସାର ମୌଲବୀ ଅବଦୁଲ୍ ରେହମାନ ଗିରଫ ହେବା ପରେ ଏ ସବୁ କଥା ପଦାକୁ ଆସିଥିଲା । ସେହଭଳି ପ୍ରୟାଗରାଜର ଏକ ମଦ୍ରାସାରେ ଆରଏସ୍‌ଏସ୍ ବିରୋଧରେ ପାଠ ପଢ଼ା ଯିବା ସହ ଉତ୍ତେଜନାମୂଳକ ଭାଷଣ ଦେଉଥିଲେ ଜାହି ଖାନ୍ । ୟୁପି ପୁଲିସ୍ ଜାଣିବାକୁ ପାଇଛି ଯେତେବେଳେ ସେ ଓଡ଼ିଶା ଆସୁଥିଲା ବିଭିନ୍ନ ମଦ୍ରାସା ଯାଉଥିଲା । ସେଠାରେ କ'ଣ କରୁଥିଲା ସେ ବିଷୟରେ ପୁଲିସ୍ ସଠିକ୍ ତଥ୍ୟ ପାଇ ନାହିଁ । ହେଲେ ଉତ୍ତେଜନାମୂଳକ ଭାଷଣ ଦେଉଥିବା କିଛି ଭିଡିଓ ମିଳିଛି । ସେ ସବୁ ଭିଡିଓ ଓଡ଼ିଶାର କେଉଁ ମଦ୍ରାସାର ତାହା ଯାଞ୍ଚ କରିବା ପରେ ଜଣାପଡ଼ିବ । ଆମ ରାଜ୍ୟରେ କେତେ ମଦ୍ରାସା ରହିଛି ସେଠାରେ ପାଠ ପଢ଼ା ଛାଡି ଆଉ କ'ଣ ହେଉଛି କେଉଁମାନେ ସେଠାକୁ ପଢ଼ାଇବା ପାଇଁ କିଏ ଆସୁଛନ୍ତି ସେ ସବୁ ହିସାବ କାହା ପାଖରେ ନାହିଁ।

# ଭିସୁଟ୍ ଛାତ୍ରୀ ମୃତ୍ୟୁ ମାମଲା: ପୁନଃ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ ବ୍ୟୁରୋ**



ସମ୍ବଲପୁର ଭିସୁଟ୍ ଛାତ୍ରୀ ମୃତ୍ୟୁ ଘଟଣା । ଘଟଣାର ପୁନଃ ତଦନ୍ତ ପାଇଁ ସମ୍ବଲପୁର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ । ଦୁଇ ସପ୍ତାହ ମଧ୍ୟରେ ହାଇକୋର୍ଟରେ ତଦନ୍ତ ସମ୍ପର୍କରେ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, ସମ୍ବଲପୁର ଭିସୁଟ୍ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ କରି ପୋଲିସ ଆତ୍ମହତ୍ୟା ବୋଲି କହିଥିଲେ । ହେଲେ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଥିଲେ । ଏପିରିକି ପୋଲିସର ତଦନ୍ତରେ ପରିବାର ଲୋକ ଅସନ୍ତୁଷ୍ଟ ପ୍ରକାଶ କରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଯାହାର ଶୁଣାଣି କରି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଭିସୁଟ୍ ଛାତ୍ରୀ ମୃତ୍ୟୁ ଘଟଣାର ପୁନଃ ତଦନ୍ତ ପାଇଁ ସମ୍ବଲପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ସଂପର୍କରେ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ସୁମନ୍ତ ସାହୁ ହତ୍ୟା ଘଟଣାରେ ୬ ଗିରଫ : ୧୧ ଜଣଙ୍କ ନାମରେ ଏତଲା ଦେଇଥିଲେ ପରିବାର ଲୋକ

**ବାଙ୍କୀ, ନ୍ୟୁଜ ବ୍ୟୁରୋ**

ରତାଗଡ଼ ଗୋବିନ୍ଦପୁର ଅଞ୍ଚଳର ଯୁବକ ସୁମନ୍ତ ସାହୁ ହତ୍ୟା ଘଟଣାରେ ୬ ଜଣଙ୍କୁ ଗିରଫ କରିଛି ପୋଲିସ। ଅତିରିକ୍ତ ଏସପି ଶୁଭ ନାରାୟଣ ମୁଦୁଲି ଅଧ୍ୟକ୍ଷତାରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସୁମନ୍ତଙ୍କୁ ଏମାନେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ମୃତକଙ୍କ ପରିବାର ପକ୍ଷରୁ ୧୧ ଜଣଙ୍କ ନାମରେ ଏତଲା ଦିଆଯାଇଥିଲା। ଏବେ ତଦନ୍ତର ପ୍ରାଥମିକ ପ୍ରକ୍ରିୟା ଆରମ୍ଭ ହୋଇଛି। ଯଦି ଏତଲାରେ ରହିଥିବା ଅନ୍ୟମାନଙ୍କ ନାମ ଏ ହତ୍ୟା ଘଟଣା ସହ ସମ୍ପୃକ୍ତ ଥିବ ତେବେ ନିଶ୍ଚିତ ଗିରଫ କରାଯିବ। ଏବେ ଆସାମୀମାନଙ୍କୁ ମେଡିକାଲ ଚିକିତ୍ସା କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ହୋଇଥିବା ୬ ଜଣ ଅଭିଯୁକ୍ତ ବାଙ୍କୀ ଥାନା ଅନ୍ତର୍ଗତ ସହଙ୍ଗା ଗୋପାଳପୁର ଗ୍ରାମର ବୋଲି ପୋଲିସ କହିଛି। ମଙ୍ଗଳବାର ମକର ଯାତ୍ରା ଦେଖି ଫେରିବା ପରେ ରାତିରେ ସୁମନଙ୍କୁ ତାଙ୍କ ସାଙ୍ଗମାନେ ମଦ ପିଇବାକୁ ଡାକି କି ନେଇଥିଲେ। ପରେ ସୁମନ ଘରକୁ ଫେରିନଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିଲା। ମଦ ପିଇବାକୁ ଡାକି ଅଭିଯୁକ୍ତମାନେ ହତ୍ୟା କରିଥିଲେ। ଘଟଣାସ୍ଥଳରେ ବାଙ୍କୀ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିଲା। ଉକ୍ତ ହତ୍ୟା ଘଟଣାରେ ୧୧ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପୃକ୍ତ ଥିବା ନେଇ ମୃତ ସୁମନଙ୍କ ଭଉଣୀ ଅଭିଯୋଗ କରିଥିଲେ।

# ଶ୍ରାଦ୍ଧ କରିବାକୁ ବସିପାରିବେନି ବ୍ରାହ୍ମଣଙ୍କୁ ପରିକ୍ରମା ମାର୍ଗ ବି ମନା

**ପୁରୀ, ନ୍ୟୁଜ ବ୍ୟୁରୋ**

ବ୍ରାହ୍ମଣଙ୍କୁ ବାଇଶି ପାହାଚରେ ଶ୍ରାଦ୍ଧ କରିବାକୁ ସମ୍ପୂର୍ଣ୍ଣ କଟକଣା ଲଗାଯିବା ପରେ ଏବେ ପରିକ୍ରମା ମାର୍ଗରୁ ବି ସେମାନଙ୍କୁ ତଡ଼ିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି । ଶ୍ରାଦ୍ଧ କାର୍ଯ୍ୟ ସମ୍ପାଦନ କରୁଥିବା ବ୍ରାହ୍ମଣମାନଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମଧ୍ୟରେ ବସିବା ପାଇଁ ଅନୁମତି ଦିଆଯିବ ନାହିଁ । ସେମାନେ ମାର୍କଣ୍ଡ ପୁଷ୍କରିଣୀ କିମ୍ବା ଶ୍ୱେତଗଙ୍ଗା ପୁଷ୍କରିଣୀ ନିକଟରେ ଶ୍ରାଦ୍ଧ କାର୍ଯ୍ୟ ସମ୍ପାଦନ କରିବେ ବୋଲି ପରିଚାଳନା କମିଟି ନିଷ୍ପତ୍ତି ନେଇଛି । ମାର୍ଗରେ ବସି ଶ୍ରଦ୍ଧାଳୁଙ୍କ ପିତୃପୁରୁଷଙ୍କ ଉଦ୍ଧାର ନିମନ୍ତେ ପିଣ୍ଡଦାନ କରି ଗୁଜୁରାଣ ମେଣ୍ଟାଉଥିବା ବ୍ରାହ୍ମଣମାନେ ଦୁଃଖ ପ୍ରକାଶ କରିଛନ୍ତି । ଦେଶର ୪ ଧାମ ମଧ୍ୟରେ ଶ୍ରୀକ୍ଷେତ୍ର ପ୍ରସିଦ୍ଧ । ଶ୍ରୀମନ୍ଦିର କଳ୍ପବଟଠାରୁ ତୀର୍ଥରାଜ ମହୋଦଧି ପର୍ଯ୍ୟନ୍ତ ପ୍ରତିଟି ରେଣୁରେ ମୁକ୍ତି ପ୍ରଦାନକାରୀ ଶକ୍ତି ରହିଛି । ଶ୍ରୀମନ୍ଦିର ଭିତରେ ଥିବା ରୋହିଣୀ କୁଣ୍ଡ, ବାହାରେ ଥିବା ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ମହୋଦଧି ପବିତ୍ର ତୀର୍ଥ ଭାବେ ବେଶ ଜଣାଶୁଣା । କାହିଁ କେଉଁ ଅନାଦି ସମୟରୁ ଶ୍ରୀମନ୍ଦିର ନିକଟ କିମ୍ବା ତୀର୍ଥ ସ୍ଥଳ ନିକଟରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସହ ମହାପ୍ରସାଦ ଦେଇ ବ୍ରାହ୍ମଣଙ୍କୁ ସନ୍ତୁଷ୍ଟ କରି ଆସୁଛନ୍ତି । ମାତ୍ର ସେମାନଙ୍କୁ ବିରୋଧ କରାଯିବା ଶ୍ରାଦ୍ଧ କାର୍ଯ୍ୟ ସମ୍ପାଦନ କରି ପରିବାର ପ୍ରତିପୋଷଣ କରୁଥିବା ବ୍ରାହ୍ମଣଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କରିଛି ।

# ପୁରୀ-ବ୍ରହ୍ମଗିରି ରାଜ୍ୟ ରାଜପଥରେ ଚାଲିଛି ଅବାଧ ଦେଶୀ ମଦ କାରବାର

**ପୁରୀ, ନ୍ୟୁଜ ବ୍ୟୁରୋ**



ସାହିର ପରିବେଶ ନଷ୍ଟ ହୋଇଯାଇଛି । ଦିନ ତମାମ ନିଶାଖୋରଙ୍କ ଉତ୍ପାତ ଲାଗି ରହୁଥିବା ବେଳେ ସଞ୍ଜ ନଇଁଲେ ଆଉ ସହି ହେଉନି । ପରିବାର ନେଇ ସାହିରେ ଚଳିବା ଏବେ କଷ୍ଟକର ହୋଇପଡ଼ିଛି । ଘରୁ ବାହାରିବା ଅସୁରକ୍ଷିତ ଲାଗୁଛି । ସାହି ବାସିନ୍ଦାଙ୍କ ସହ ବାଟୋଇ ଓ ପର୍ଯ୍ୟଟକମାନେ ବି ନିଶାଖୋରଙ୍କ ପାଇଁ ସମସ୍ୟାରେ ପଡୁଛନ୍ତି । ଦୀର୍ଘଦିନ ଧରି ଏଭଳି ସମସ୍ୟାର ସମ୍ମୁଖୀନ ହୋଇ କଳବଲ ହେଉଥିବା କହିଛନ୍ତି କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ର କୋଣ ମଙ୍ଗଳା ସାହି ବାସିନ୍ଦା । ସାହିର ମଙ୍ଗଳା ମନ୍ଦିର ସମ୍ମୁଖ ତଥା ପୁରୀ-ବ୍ରହ୍ମଗିରି ରାଜ୍ୟ ରାଜପଥରେ ଚାଲିଛି ଅବାଧ ଦେଶୀ ମଦ କାରବାର । ସୂଚନା ଅନୁସାରେ ଏହି ସାହିରେ ପ୍ରାୟ ୧୩୦ ପରିବାର ବାସ କରନ୍ତି । ଏଥିରୁ ୧୦ରୁ ଅଧିକ ପରିବାର ଏବେ ଭିନ୍ନ ଭିନ୍ନ ନିଶା କାରବାରରେ ଲିପ୍ତ ରହିଛନ୍ତି । ମୁଖ୍ୟତଃ ଦେଶୀ ରନ୍ଧାମଦ କାରବାର ଏବେ ସାହି ପରିବେଶକୁ ପ୍ରଭାବିତ କରିଛି । ଆଗରୁ ଦିନରାତି ଖୁଲମ୍‌ଖୁଲା ବେପାର ଚାଲିଥିଲା । ପୁଲିସର ଧରପଗଡ଼ ପରେ ଏବେ ବେପାରୀ ଚତୁରତାର ସହ କାରବାର କରୁଛନ୍ତି। ଦିନରେ ବିକ୍ରି କଲେ ପୁଲିସ ଘରେ ପଶି ବେପାରୀଙ୍କୁ ଉଠାଇ ନେଉଥିଲା । ତେଣୁ ଏବେ ରାତିରେ ବେପାର ଜୋର୍ଦା ହେଉଛି । ମହିଳାମାନେ ହିଁ ଏହି କାରବାର କରୁଛନ୍ତି । କାରଣ ରାତିରେ ପୁଲିସ ସେମାନଙ୍କୁ ଉଠାଇ ନେବାରେ ସମସ୍ୟା ହେଉଥିବାରୁ ଫାଇଦା ଉଠାଉଛନ୍ତି ମହିଳା ବେପାରୀ। ସନ୍ଧ୍ୟାରୁ ବସୁଛି ରନ୍ଧାମଦର ହାଟ । ସଞ୍ଜ ହେବା ମାତ୍ରେ ମଦ ବ୍ୟବସାୟୀଙ୍କ ଘରେ ଲାଗୁଛି ଭିଡ଼ । ରାସ୍ତା କଡ଼ରେ ହାଣ୍ଡି ଧରି ବସୁଛନ୍ତି ବେପାରୀ । ଧାଡ଼ିବାନ୍ଧି ପିଉଛନ୍ତି ନିଶାଖୋର । ଦୀର୍ଘ ସମୟ ଧରି ନିଶାଖୋରମାନେ ଏହି ବେପାରୀଙ୍କ ପାଖରେ ରହି ଉତ୍ପାତ ହେଉଛନ୍ତି । ପାଖରେ ବି ମିଳୁଛି ଚାଖଣ । ପୁଲିସ ଚଢ଼ଉ କଲେ ଅଳ୍ପ ମଦ ଜବତ ହେଉଥିବାରୁ ସେମାନେ ଅତି ସହଜରେ ଜାମିନ୍ ପାଇ ପୁଣି ଏହି କାରବାର କରୁଛନ୍ତି । ସେପଟେ ନିଶା ଚଢ଼ିଗଲା ପରେ ନିଶାଖୋରଙ୍କ ଉତ୍ପାତ ଅସହ୍ୟ ହେଉଛି । କିଏ ରାସ୍ତାରେ ଗଡୁଛି ତ ଆଉ କିଏ ଅଚେତ ହୋଇ ଡ୍ରେନ୍‌ରେ ପଡୁଛି । ପୁରୀ-ବ୍ରହ୍ମଗିରି ରାଜ୍ୟ ରାଜପଥ ଓ ନରେନ୍ଦ୍ର କୋଣ ଅଞ୍ଚଳରେ ଏହି ନିଶାଖୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ରାସ୍ତାରେ ଯାନବାହାନ ରୋକି ଉନ୍ମତ୍ତ କାଣ୍ଡ ଭିଆଉଛନ୍ତି ନିଶାଖୋର । ଅଯଥା ସମସ୍ୟା ସୃଷ୍ଟି କରି ବାଟୋଇ ଓ ପର୍ଯ୍ୟଟକଙ୍କୁ ଟାଣି ନେଇ ପିଟୁଛନ୍ତି । ଏପରିକି ସେମାନେ ନରେନ୍ଦ୍ର କୋଣ ଅଞ୍ଚଳରେ ସ୍ଥାନୀୟ ଲୋକ ଓ ଯାତ୍ରୀଙ୍କ ଚଳପ୍ରଚଳରେ ବି ସମସ୍ୟା ସୃଷ୍ଟି କରୁଛନ୍ତି । ସନ୍ଧ୍ୟା ପରେ ମହିଳାମାନେ ମଦ ବିକ୍ରି କରୁଥିବାରୁ ପୁଲିସ ସେମାନଙ୍କୁ ଉଠାଇ ଆଣି ପାରୁନାହିଁ ବୋଲି କହିଛନ୍ତି ଆଇଆଇସି ଜୟଦୀପ ମହାନ୍ତି । ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଇନ୍ସପେକ୍ଟର ଶ୍ରୀ ମହନ୍ତି ।

# ଅପପୁଷ୍ଟିରେ ଶଢୁଛନ୍ତି, ଚିକିତ୍ସା ପାଇଁ ମୁହଁ ମୋଡୁଛନ୍ତି ଦଶପଲ୍ଲା ବାସୀ

**ଦଶପଲ୍ଲା, ନ୍ୟୁଜ ବ୍ୟୁରୋ**

ଫୁଙ୍ଗୁଳା ଦେହ ସାଙ୍ଗକୁ ନୁଖୁରା ମୁଣ୍ଡ। ଆଖି କୋରଡ଼କୁ ପଶି ଯାଇଛି। କିଏ ବଣପାହାଡ଼ ବୁଲି ପାଚିଲା ତାଳ ଖାଉଛି ତ କାହା ହାତରେ ଲୁଣ ସାଙ୍ଗକୁ ବାସି ତୋରାଣି। ଅପପୁଷ୍ଟିର ଶିକାର ହୋଇଥିବା ଗାଁର ଏମିତି ମାଳମାଳ ପିଲା ଘୂରି ବୁଲୁଛନ୍ତି। ହେଲେ ଡାକ୍ତରଖାନା ନାଁ ଧରିଲେ ସେମାନଙ୍କ ପରିବାର ମୁହଁ ମୋଡୁଛନ୍ତି। ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ କୁଲୁରୁକୁମ୍ପା ପଞ୍ଚାୟତର ବଣପାହାଡ଼ ଘେରା କୋହ୍ଲସାହିରେ ନଗଡ଼ାର ଏଭଳି ଭିନ୍ନ ଏକ ଚିତ୍ର ପ୍ରାଶାସନିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋହ୍ଲସାହି କହିଲେ ଦଶପଲ୍ଲା ସମେତ ଆଖପାଖ ଗ୍ରାମର ଲୋକ ବେଶ୍ ଜାଣନ୍ତି। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାୟୀ, ସେମାନେ ହେଉଛନ୍ତି ଶବର ବା ଶବର ସମାଜ। ଗାଁରେ ୪୦ ପରିବାର ଦୀର୍ଘବର୍ଷ ସ୍ଥାୟୀ ଭାବେ ବସବାସ କରି ଆସୁଛନ୍ତି। ପ୍ରତି ପରିବାରରେ ୫ରୁ ୬ଟି ଛୁଆ ରହିଛନ୍ତି। ବିଦ୍ୟାଳୟରେ ନାଁ ଲେଖା ହୋଇଛି ସତ, ହେଲେ କେହି ବିଦ୍ୟାଳୟ ବାରଣ୍ଡା ମାଡ଼ନ୍ତି ନାହିଁ। ଗାଁରେ କେହି ସାର୍ଟ-ପ୍ୟାଣ୍ଟ ପିନ୍ଧା ଲୋକ ପହଞ୍ଚିଲେ, ବାବୁ ଆସିଛନ୍ତି କହି କିଏ ଘରକୁ ଦୌଡ଼ି ପଳାଉଛି ତ ପୁଣି କିଏ ବାବୁ ଚକୋଲେଟ୍ ଦେବେ କହି ଧାଇଁ ଆସିଥାନ୍ତି। ଗାଁରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଦିଦି କେବେ ଆସନ୍ତି ଓ ଯାଆନ୍ତି କେହି ଜାଣନ୍ତି ନାହିଁ। ବିଭିନ୍ନ ସମୟରେ ଅଙ୍ଗନବାଡ଼ିକୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଆରବିଏସ୍‌କେ ଟିମ୍ ପହଞ୍ଚୁଛି। ମାତ୍ର ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୩ରୁ ୪ଟି ପିଲା ନିଶ୍ଚୟ ଅପପୁଷ୍ଟିର ଶିକାର ଥିବା ଚିହ୍ନଟ ହେଉଛନ୍ତି। କିନ୍ତୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ କେହି ରାଜି ହେଉନାହାନ୍ତି। ଗାଁର ଅଧିକାଂଶ ଶିଶୁ ଚର୍ମରୋଗରେ ଆକ୍ରାନ୍ତ। ବିଦ୍ୟାଳୟରେ ନାମ ଲେଖା ଯାଉଥିଲେ ବି ଏଯାଏଁ ଗ୍ରାମର କେହି ଦଶମ ଡେଇଁ ନାହାନ୍ତି। ଗାଁ ଲୋକେ ଜଙ୍ଗଲରୁ ମହୁଲ, ଲାଖି, ଝୁଣା ଆଦି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ଚଳାନ୍ତି। ବଡ଼କଥା ହେଉଛି, ଅନେକ ପରିବାରକୁ ଆବାସ ଯୋଜନାରେ ଘର ମିଳିଛି। ମାତ୍ର ଘର ନିର୍ମାଣ ନ ହୋଇ ଲକ୍ଷଲକ୍ଷ ଟଙ୍କା ହଡ଼ପ କରାଯାଇଛି।

# ଟଙ୍କା ଦେଣନେଣରେ ପେମେଣ୍ଟ ଏଗ୍ରିଗେଟର ଉପରେ ୧୮% ଲାଗିବ ଜିଏସ୍‌ଟି

**ନୂଆଦିଲ୍ଲୀ,**

ଏଣିକି ୨୦୦୦ ଟଙ୍କା ଦେଣନେଣରେ ଲାଗିବ ଜିଏସ୍‌ଟି ! ୧୮ ପ୍ରତିଶତ ଜିଏସଟି ଲାଗୁ କରିବା ପାଇଁ ଆଲୋଚନା ଚାଲିଛି। ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ପରିଷଦ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଛୋଟ ଡିଜିଟାଲ କାରବାର ପାଇଁ ପେମେଣ୍ଟ ଏଗ୍ରିଗେଟର (ପିଏ) ବା ପେମେଣ୍ଟ ସଂଗ୍ରହକାରୀଙ୍କ ଉପରେ ୧୮% ଜିଏସ୍‌ଟି ଲାଗୁ କରିବାକୁ ବିଚାର ବିମର୍ଶ କରୁଛି। ସୂଚନା ଅନୁସାରେ, ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ମାଧ୍ୟମରେ କରାଯାଇଥିବା କାରବାର ଉପରେ ଏହି ପ୍ରସ୍ତାବିତ ଟ୍ୟାକ୍ସ ଲାଗୁ କରାଯିବ। ସେପ୍ଟେମ୍ବର ୯ରେ ବସିବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହି ପ୍ରସ୍ତାବ ଉପରେ ଆଲୋଚନା ହେବ। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ଅଧିକାରୀଙ୍କୁ ନେଇ ଜିଏସ୍‌ଟି ଫିଟମେଣ୍ଟ କମିଟି ପରାମର୍ଶ ଦେଇଛି ଯେ, ପେମେଣ୍ଟ ଏଗ୍ରିଗେଟର (ପିଏ)କୁ ଏହି ଉପାୟରେ ଟିକସ ଦିଆଯାଉ। କମିଟି ଯୁକ୍ତି କରିଛି ଯେ, ବ୍ୟାଙ୍କଗୁଡିକ ତୁଳନାରେ ପେମେଣ୍ଟ ଏଗ୍ରିଗେଟରମାନେ କାର୍ଡ କାରବାରରେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରନ୍ତି, ତେଣୁ ତାହା ଜିଏସ୍‌ଟିର ଅଧୀନ ହେବା ଉଚିତ୍। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସଟି ପରିଷଦର ୫୪ତମ ବୈଠକରେ ଏହି ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯଦି ଜିଏସ୍‌ଟି ପରିଷଦ ପ୍ରସ୍ତାବିତ ପରିବର୍ତ୍ତନ ସହ ଆଗକୁ ବଢିବାକୁ ନିଷ୍ପତ୍ତି ନିଏ, ତେବେ ଦୈନନ୍ଦିନ କାରବାର କରୁଥିବା ଛୋଟ ବ୍ୟବସାୟୀମାନେ ପ୍ରଭାବିତ ହୋଇପାରନ୍ତି। କାରଣ ଏହା ଲେଣଦେଣ ମାଧ୍ୟମ ଏବଂ କ୍ଷୁଦ୍ର ବ୍ୟବସାୟ ମାଲିକଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଇବ ବୋଲି ଆଶଙ୍କା କରାଯାଉଛି। ସମ୍ପ୍ରତି, ପେମେଣ୍ଟ ଏଗ୍ରିଗେଟର୍ସ ବ୍ୟବସାୟୀଙ୍କୁ ପ୍ରତି କାରବାରରେ ୦.୫%ରୁ ୨% ଚାର୍ଜ ଦେବାକୁ ପଡୁଛି। ଯଦି ଜିଏସ୍‌ଟି ଲାଗୁ ହୁଏ, ତେବେ ବ୍ୟବସାୟୀଙ୍କୁ ଅତିରିକ୍ତ କର ଦେବାକୁ ପଡିବ, ଯାହା ଦ୍ୱାରା ସେମାନଙ୍କ ଖର୍ଚ୍ଚ ବଢିବାର ଆକଳନ କରାଯାଉଛି।

# ୨୯ ଗ୍ରନ୍ଥାଗାରର ୬୮ ପଦବୀରୁ ୬୧ ଖାଲି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଗ୍ରନ୍ଥାଗାରିକ କି ସହାୟକ କି ପରିଚାରକ, କେହି ନାହାନ୍ତି । ପାଠାଗାର ଓଳାଇବାକୁ ଝାଡୁଦାର କି ଜଗିବାକୁ ଜଗୁଆଳି ନାହାନ୍ତି। ଇଏ ହେଉଛି ରାଜ୍ୟର ସରକାରୀ ପାଠାଗାରଗୁଡିକର ଅବସ୍ଥା ଯେଉଁଠି ଦୀର୍ଘ ଦିନ ଧରି ବିନା କର୍ମଚାରୀରେ ପାଠାଗାରଗୁଡ଼ିକ ଚାଲିଛି । ତେବେ ସରକାର କହୁଛନ୍ତି ଏହି ପାଠାଗାରଗୁଡିକ ପୂରା ଦମ୍‌ରେ ଚାଲୁଛି ।

ରାଜ୍ୟର ୨୯ଟି ସାର୍ବଜନୀନ ପାଠାଗାର ରହିଛି । ସେଥିରେ ମଞ୍ଜୁରିପ୍ରାପ୍ତ ପଦବି ସଂଖ୍ୟା ରହିଛି ୬୮ । ଦୁର୍ଭାଗ୍ୟକୁ ୬୮ରୁ ୬୧ଟି ପଦବି ଖାଲି ପଡ଼ିଛି ଯେଉଁଥିରେ ଗ୍ରନ୍ଥାଗାର ସହାୟକ, ଗ୍ରନ୍ଥାଗାର ପରିଚାରକ, ଝାଡୁଦାର ତଥା ଜଗୁଆଳି ଭଳି ବିଭିନ୍ନ ପଦବି ରହିଛି । ବାକି ୭ଟି ପାଠାଗାରରେ ଗ୍ରନ୍ଥାଗାର ସହାୟକ ଓ ଗ୍ରନ୍ଥାଗାର ପରିଚାରକ ପଦବିରେ ଜଣେ ଲେଖାଏଁ କର୍ମଚାରୀ ରହିଛନ୍ତି । ଏମାନଙ୍କ କାନ୍ଧରେ କେଉଁଠି ଜିଲ୍ଲା ପାଠାଗାର ଚାଲୁଛି ତ ଆଉ କେଉଁଠି ସମନ୍ୱିତ ପାଠାଗାର । ଏହି ଅଜବ ପରିସ୍ଥିତିକୁ ଦେଖିଲେ ଲାଗୁଛି, ସତେ ଯେମିତି ବହି ନିଜେ ପାଠାଗାରକୁ ଜଗିଛି । ପାଠାଗାରଗୁଡିକରେ ଖାଲି ଥିବା ପଦବି ବିଷୟରେ ଗତ ଅଗଷ୍ଟ ୨୩ ତାରିଖରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଉତ୍ତର ରଖିଛନ୍ତି । ମାତ୍ର ଏହିସବୁ ପଦବି କେବେ ପୂରଣ ହେବ ଏବଂ ଆବଶ୍ୟକ ସଂଖ୍ୟକ କର୍ମଚାରୀ କେବେ ନିଯୁକ୍ତି ପାଇବେ ତା'ର ନିର୍ଦ୍ଦିଷ୍ଟ ସୂଚନା ସେ ଦେଇନାହାନ୍ତି ।

ସରକାରୀ ତଥ୍ୟ ମୁତାବକ, ରାଜ୍ୟରେ ୨୯ଟି ସାର୍ବଜନୀନ ପାଠାଗାର ମଧ୍ୟରେ ରହିଛି, ଡ. ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ୧୯ଟି ଜିଲ୍ଲା ପାଠାଗାର, ଗୋଟିଏ ଉପଖଣ୍ଡ ପାଠାଗାର, ୬ଟି ସମନ୍ୱିତ ପାଠାଗାର ଓ ୨ଟି ସ୍ମାରକୀ ପାଠାଗାର । ପ୍ରତି ଜିଲ୍ଲା ପାଠାଗାରରେ ୨ରୁ ୩ଟି ପଦବି ମଞ୍ଜୁର ହୋଇଛି । ତେବେ ୧୯ଟିରୁ ୧୧ଟି ଜିଲ୍ଲା ପାଠାଗାରରେ ଗ୍ରନ୍ଥାଗାର ସହାୟକ, ପରିଚାରକ, ଝାଡୁଦାର ଓ ଜଗୁଆଳି କେହି ନାହାନ୍ତି । ସେସବୁ ଅନୁଷ୍ଠାନ ଭଗବାନଙ୍କ ଭରସାରେ ଚାଲିଛି । ଉକ୍ତ ଜିଲ୍ଲା ପାଠାଗାର ଗୁଡ଼ିକ ହେଉଛି* ବଲାଙ୍ଗୀର, ବାଲେଶ୍ୱର, କୋରାପୁଟ, କଟକ, ବରଗଡ଼, ସମ୍ବଲପୁର, ମୟୂରଭଞ୍ଜ, କନ୍ଧମାଳ, ଢେଙ୍କାନାଳ, ପୁରୀ ଓ କଳାହାଣ୍ଡି । ବାକି ୪ ଜିଲ୍ଲା ପାଠାଗାରରେ ଜଣେ ଲେଖାଏଁ କର୍ମଚାରୀ ରହିଛନ୍ତି ଯାହାଙ୍କ କାର୍ଯ୍ୟକାଳ ୨୦୨୬ ପରେ ଖାଲି ହେବାକୁ ଯାଉଛି । ଏହି ୪ ଜିଲ୍ଲା ପାଠାଗାର ମଧ୍ୟରୁ ରାୟଗଡ଼ା ଓ ସୁନ୍ଦରଗଡ଼ରେ ୩ଟି ଲେଖାଏଁ ପଦବି ମଧ୍ୟରୁ ଉଭୟ ସ୍ଥାନରେ କେବଳ ଜଣେ ଲେଖାଏଁ ଗ୍ରନ୍ଥାଗାର ସହାୟକ ରହିଛନ୍ତି ।

ସେହିପରି କେନ୍ଦୁଝର ଓ ଗଞ୍ଜାମରେ ୩ଟି ଲେଖାଏଁ ପଦବି ମଧ୍ୟରୁ ଉଭୟ ସ୍ଥାନରେ କେବଳ ଜଣେ ଲେଖାଏଁ ଗ୍ରନ୍ଥାଗାର ପରିଚାରକ କାମ କରୁଛନ୍ତି । ନୂଆପଡ଼ା ଜିଲ୍ଲା ପାଠାଗାରରେ ୨ ପଦବିରୁ ଜଣେ ଗ୍ରନ୍ଥାଗାର ସହାୟକ ରହିଛନ୍ତି । ୨୦୨୫ରେ ସେ ସ୍ଥାନ ଖାଲି ହେବ । ସେଠି ଏବେ ଗୋଟିଏ ଝାଡୁଦାର ଓ ଜଗୁଆଳି ପଦବି ଖାଲି ଅଛି । ସେହିପରି ଅନୁଗୁଳ ଜିଲ୍ଲା ପାଠାଗାରରେ ଜଣେ ଗ୍ରନ୍ଥାଗାରିକ ଓ ୨ ପରିଚାରକଙ୍କ ମଧ୍ୟରୁ ମାତ୍ର ଜଣେ ପରିଚାରକ କାମ କରୁଛନ୍ତି । ଗୋଟିଏ ପଦବି ୨୦୨୪ ପୂର୍ବରୁ ଫାଙ୍କା ପଡ଼ିଥିଲା ବେଳେ ଆଉ ଗୋଟିଏ ୨୦୨୬ରେ ଖାଲି ହେବ । ଏହା ଛଡ଼ା ଭଦ୍ରକ ଓ ଝାରସୁଗୁଡ଼ା ଜିଲ୍ଲା ପାଠାଗାର ପାଇଁ କୌଣସି ପଦବି ମଞ୍ଜୁର ହୋଇନାହିଁ । ସେହିପରି ମୟୂରଭଞ୍ଜର ରାଇରଙ୍ଗପୁରରେ ଥିବା ଏକମାତ୍ର ଜିଲ୍ଲା ଉପଖଣ୍ଡ ପାଠାଗାରରେ ଗ୍ରନ୍ଥାଗାର ସହାୟକ ଓ ଝାଡୁଦାର ତଥା ଜଗୁଆଳି ଆଦି ପଦବି ଖାଲିପଡ଼ିଛି । ଏଥିସହ ଗଞ୍ଜାମର ୬ଟି ସ୍ଥାନରେ ସମନ୍ୱିତ ପାଠାଗାର ରହିଛି । କବିସୂର୍ଯ୍ୟନଗରର କନକ ମଞ୍ଜରୀ, ବାଲିପଦର ରଘୁନାଥ, ତନରଡ଼ାର ଉପେନ୍ଦ୍ରଭଞ୍ଜ, ଚିକିଟିର ଅଖଣ୍ଡ, ଖଲ୍ଲିକୋଟର ସାର୍ବଜୀନନ ଓ ରମ୍ଭାର ଜୟକୃଷ୍ଣ ପାଠାଗାର । ଏଥିରୁ ୫ଟିରେ କେହି କର୍ମଚାରୀ ନାହାନ୍ତି । ପ୍ରତି ପାଠାଗାରରେ ଗୋଟିଏ ଲେଖାଏଁ ଗ୍ରନ୍ଥାଗାର ସହାୟକ ଓ ପରିଚାରକ ପଦବି ରହିଛି । ତେବେ ୬ଟି ସ୍ଥାନରେ ମୋଟ ୧୨ଟି ପଦବିରୁ ୧୧ଟି ଖାଲି । କେବଳ ଖଲ୍ଲିକୋଟରେ ଗ୍ରନ୍ଥାଗାର, ଜଣେ ପରିଚାରକ ଅଛନ୍ତି । ସେ ପଦବି ବି ୨୦୨୬ରେ ଖାଲି ହେବାକୁ ଯାଉଛି । ଏହାଛଡ଼ା ୨ଟି ସ୍ମାରକୀ ପାଠାଗାରରେ ୪ଟି ପଦବି ଖାଲିପଡ଼ିଛି । ବରଗଡ଼ର ବରପାଲି ଗଙ୍ଗାଧର ମେହେର ସ୍ମାରକୀ ପାଠାଗାର ଓ ପୁରୀର ସାକ୍ଷୀଗୋପାଳ ପଞ୍ଚସଖା ସ୍ମାରକୀ ପାଠାଗାରରେ ତତ୍ତ୍ୱାବଧାରକ ତଥା ଗ୍ରନ୍ଥାଗାରିକ ଓ ଝାଡୁଦାର ତଥା ଜଗୁଆଳି ପଦବି ଖାଲିପଡ଼ିଛି । ଏହିଭଳି ରାଜ୍ୟର ବିଭିନ୍ନ ପାଠାଗାରରେ ସରକାରୀ ମଞ୍ଜୁରିପ୍ରାପ୍ତ ୬୧ଟି ପଦବି ଖାଲି ପଡ଼ିଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ୨୦୨୩ ମସିହା ଅକ୍ଟୋବର ୨୫ରେ ସଂସ୍କୃତି ବିଭାଗ ସଂକଳ୍ପ ସଂଖ୍ୟା ୫୪୭୨ ଅନୁସାରେ ସାର୍ବଜନୀନ ପାଠାଗାର ନିର୍ଦ୍ଦେଶାଳୟ ସୃଷ୍ଟି ହୋଇସାରିଛି । ଏହି ସଂକଳ୍ପ ଅନୁସାରେ ଗ୍ରନ୍ଥାଗାର ସହାୟକ ପଦବିଟି ଆଉ ପୂରଣ କରାଯିବ ନାହିଁ । ପ୍ରତି ଜିଲ୍ଲାର ସହାୟକ ଗ୍ରନ୍ଥାଗାରିକ ପଦବି ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେବ । ଉକ୍ତ ସଂକଳ୍ପର କ୍ରମିକ ସଂଖ୍ୟା ୪ ଅନୁସାରେ ଗ୍ରନ୍ଥାଗାରିକ ପଦବି ଓ ଉକ୍ତ ପଦବିର ପରବର୍ତ୍ତୀ ପଦବିଗୁଡ଼ିକ (ଯାହାକି ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ) ପାଇଁ ଆବଶ୍ୟକ ସଂବର୍ଗ ନିୟମାବଳୀ (କ୍ୟାର୍ଡ ରୁଲ୍) ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପରାମର୍ଶ ଅନୁସାରେ ପ୍ରସ୍ତୁତ କରାଯିବ ଯାହାକି ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ଅଛି । ଉକ୍ତ ନିୟମାବଳୀ ପ୍ରଣୟନ ହେଲା ପରେ ଗ୍ରନ୍ଥାଗାରିକ ପଦବିଗୁଡ଼ିକ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ପୁନଶ୍ଚ ଅନ୍ୟ ପଦବିଗୁଡ଼ିକ ପୂରଣ ପାଇଁ ଅର୍ଥ ବିଭାଗର କ୍ଷମତାପ୍ରାପ୍ତ କମିଟିର ଅନୁମୋଦନ ପ୍ରାପ୍ତ ହେବା ପରେ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ ଓ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଜରିଆରେ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ୧୬୩୨-୧୯୪୪ ଟଙ୍କା ଧାର୍ଯ୍ୟ କରିଛି

ଆର୍ଥିକ ବର୍ଷ ୨୦୨୩-୨୪ରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ ହୋଇଛି । ଏହା ପ୍ରଥମ ଥର ଲାଗି ୫%ରୁ ନିମ୍ନରେ ରହିଛି। ୨୦୨୨-୨୩ରେ ଏହା ୭.୩% ରହିଥିବା ବେଳେ ଗତ ଆର୍ଥିକ ବର୍ଷ ୪.୮%କୁ ଖସି ଆସିଥିବା ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି । ୨୦୧୨ରେ ଏହି ହାର ୨୫.୭% ସ୍ତରରେ ଥିଲା । ସହରାଞ୍ଚଳରେ ଦାରିଦ୍ର୍ୟ ହାର ୪.୬% ରୁ ୪.୦୯%କୁ ଖସିଛି । ଆର୍ଥିକ ବର୍ଷ ୨୦୧୨- ୧୩ରେ ଏହା ୧୩.୭% ଥିଲା । ୨୦୧୨ ତୁଳନାରେ ଦାରିଦ୍ର୍ୟ ହାରରେ ବଡ ପରିବର୍ତ୍ତନ ଆସିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଗତ ୧୦ ବର୍ଷରେ ୨୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ କବଳରୁ ବାହାରକୁ ଆସିଛନ୍ତି । ଆଗାମୀ ବର୍ଷଗୁଡିକରେ ସହରାଞ୍ଚଳ ଦାରିଦ୍ର୍ୟ ହାର ଆହୁରି ହ୍ରାସ ହୋଇପାରେ । ୨୦୨୧ ଜନଗଣନା ସମ୍ପୂର୍ଣ୍ଣ ହେଲେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଦାରିଦ୍ର୍ୟ ହାରରେ କିଛିଟା ସଂଶୋଧନ ହେବ । ଗ୍ରାମାଞ୍ଚଳରେ ଚାହିଦା ଉନ୍ନତ ହେବାରୁ ଏହା ଲୋକଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ଭଲ ପ୍ରଭାବ ପକାଇଛି। ସଦ୍ୟତମ ପାରିବାରିକ ଚାହିଦା ସର୍ଭେ (ଏଚ୍‌ସିଇଏସ) ମୁତାବକ, ଭିତ୍ତିଭୂମି ଦୃଢ଼ୀକରଣ ହେବା ଯୋଗୁ ଏହା ଗ୍ରାମାଞ୍ଚଳରେ ଯାନବାହନ ଗ୍ରହଣୀୟତା ବଢ଼ାଇଛି । ଏହା ରୋଜଗାର କ୍ଷେତ୍ରରେ ମଧ୍ୟ ସକରାତ୍ମକ ପରିବର୍ତ୍ତନ ସହ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଆୟ ଅସମାନତା ହ୍ରାସ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାବାଦ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ଅର୍ଥ ବାଟମାରଣା ରୋକିବା ଲାଗି ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର (ଡିବିଟି) ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ବ୍ୟାଙ୍କ ଖାତାରେ ଆର୍ଥିକ ସହାୟତା ଦେଉଛନ୍ତି । ଏହା ମଧ୍ୟ ଗ୍ରାମାଞ୍ଚଳର ସ୍ଥିତି ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସରକାର ଗ୍ରହଣ କରୁଥିବା ଡିବିଟି, ଗ୍ରାମୀଣ ଭିତ୍ତିଭୂମି ଦୃଢ଼ୀକରଣ, କୃଷି ଆୟ ବୃଦ୍ଧି ପଦକ୍ଷେପ ଭଳି ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ପରିବାର ଗୁଡିକର ଉନ୍ନତି ଦିଗରେ କାର୍ଯ୍ୟ କରୁଛି । ମୁଦ୍ରାସ୍ଫୀତି ଆଧାରରେ ୨୦୨୩-୨୪ ଲାଗି ଏସ୍‌ବିଆଇ ରିସର୍ଚ୍ଚ ଯଥାକ୍ରମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ଯଥାକ୍ରମେ ୧୬୩୨ ଟଙ୍କା ଏବଂ ୧୯୪୪ ଟଙ୍କା ଧାର୍ଯ୍ୟ କରିଛି । ୨୦୧୧-୧୨ ଲାଗି ସୁରେଶ ତେନ୍ଦୁଲକର କମିଟି ଏହାକୁ ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ରଖିଥିଲେ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ନିଶା ସେବନ- ସମାଜର ଏକ ବିରାଟ ଶତ୍ରୁ

ଡ. ଦେବହରି ରେଡି
ଅଣ ସଂକ୍ରାମକ ରୋଗ ସ୍ୱାସ୍ଥ୍ୟ ପରାମର୍ଶ ଦାତା
ଉପଖଣ୍ଡ ଚିକିତ୍ସାଳୟ ଛତ୍ରପୁର
ଗଞ୍ଜାମ
୯୪୩୭୨୫୩୩୩୨

ବର୍ତ୍ତମାନ ମଣିଷ ସମାଜରେ ସମସ୍ତଙ୍କର କିଛି ନା କିଛି ନିଶା ରହିଛି। କାହାର ଗୀତ ଗାଇବା ନିଶା ତ କାହାର ଗୀତ ରଚନା କରିବା ନିଶା। କିଏ କିଏ ଖେଳିବା ନିଶାରେ ସବୁ ଭୁଲି ବି ଯାଆନ୍ତି ତ ଆଉ କିଏ ଖେଳ ଦେଖିବା ନିଶାରେ ନିଜର ସର୍ବସ୍ୱ ସାରି ଦିଅନ୍ତି, ସେହି ଭଳି ନାଟକ ଲେଖିବା, ଦେଖିବା, ନାଚିବା ଭଳି ଅନେକ ଲୋକଙ୍କର ନିଶା ରହିଛି। ଯେଉଁ ଗୁଡିକକୁ ଛାଡ଼ି ବଞ୍ଚିବା ଟିକେ କଷ୍ଟକର ହୁଏ। ଏହି ନିଶା ଲୋକଙ୍କୁ ସମାଜରେ ପ୍ରତିଷ୍ଠିତ କରାଏ। ନୂଆଁ ପରିଚୟ ତିଆରି କରେ। କିନ୍ତୁ ଏଭଳି ବି କିଛି ନିଶା ରହିଛି ଯାହାକି ମଣିଷ, ସେବନ କରି ତଳିତଳାନ୍ତ ହୁଏ। ଏହି ଭଳି ନିଶା ବିଶ୍ୱରେ ମଣିଷ ସଭ୍ୟତାକୁ ଗ୍ରାସ କରିସାରିଲାଣି। ନିଶା ପାଇଁ ସମାଜରେ ଯେ ଅନେକ ଅଘଟଣା ଘଟି ଚାଲିଛି ତାହା ସମସ୍ତଙ୍କୁ ଅବଗତ ଅଛି। ସମାଜ ପତନମୁଖୀ ହେବାର ବହୁ କାରଣ ମଧ୍ୟରୁ ନିଶା ସେବନ ଏକ ମୁଖ୍ୟ କାରଣ। ନିଶା ଦ୍ରବ୍ୟ ମଣିଷକୁ ଅମଣିଷ କରିଦିଏ। ନିଶାଦ୍ରବ୍ୟ ସେବନ କେବଳ ଯେ ନିଜ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରେ ତା ନୁହେଁ ତା ସହ ପାରିବାରିକ ଜୀବନର ଅଶାନ୍ତି, ସମାଜ, ଦେଶ ପାଇଁ ବିପଦ ମଧ୍ୟ ସୃଷ୍ଟି କରେ।

ନିଶା ସେବନ ମଣିଷ ପାଇଁ ଅତ୍ୟନ୍ତ କ୍ଷତିକାରକ ଜାଣି ମଧ୍ୟ ଅନେକ ବ୍ୟକ୍ତି ଏଥିରେ ଅଭ୍ୟସ୍ତ ହୋଇ ପଡୁଛନ୍ତି। ଥରେ ଯିଏ ଏହି ନିଶା ଅଭ୍ୟାସରେ ପଡ଼ିଛି ତାକୁ ଛାଡ଼ିବା ବହୁତ୍ କଷ୍ଟକର ହୋଇପଡିଛି। ନିଶା ଅଭ୍ୟାସ କାହାର ଜନ୍ମରୁ ନଥାଏ କି ଜନ୍ମଠାରୁ କେହି ପ୍ରତ୍ୟକ୍ଷ ଭାବେ ନିଶା ସେବନ କରନ୍ତିନାହିଁ। କିନ୍ତୁ ବୟସ ବଢିବା ପରେ ନିଜ ପରିସର, ବାପାମାଆ, ବଡ଼ ଭାଇ ଭଉଣୀ, ସାଙ୍ଗ ସାଥି, ପ୍ରଚାରିତ ବିଭିନ୍ନ ବିଜ୍ଞାପନ ଦ୍ୱାରା ନିଶା ପ୍ରତି ଆକୃଷ୍ଟ ହୁଅନ୍ତି। କେହି କେହି ଖୁସିରେ ନିଶାକୁ ବ୍ୟବହାର କରନ୍ତି ତ ଆଉ କିଏ ଦୁଃଖ, ଶୋକ, ପରିଶ୍ରମ ଜନିତ ଯନ୍ତ୍ରଣାରୁ ମୁକ୍ତି ପାଇଁ ନିଶାର ଆଶ୍ରୟ ନିଅନ୍ତି। ଏହି ବ୍ୟବହାର ଧୀରେ ଧୀରେ ବ୍ୟକ୍ତିକୁ ସଂପୂର୍ଣ୍ଣ ରୂପେ ନିଶାର ଆଶ୍ରିତ କରିଦିଏ। ଯାହାକି ଛାଡ଼ିବା କଷ୍ଟଦାୟକ ହୁଏ। ନିଶା ସେବନ ପ୍ରଥମେ ନାସ, ଗୁଟଖା, ଖଇନି, ପାନ, ମାଣ୍ଡ୍ୱା, ବିଡି, ସିଗାରେଟ୍ ଓ ମଦରୁ ଆରମ୍ଭ ହୁଏ ପରେ ପରେ ବ୍ରାଉନ ସୁଗାର୍ ଭଳି ଅନେକ ବିପଦମୟ ନିଶା ବଳୟ ମଧ୍ୟରେ ପହଞ୍ଚେ। ନିଶା ସେବନ କରି ଅନେକ ମାରାତ୍ମକ ରୋଗ ଯଥା ବିଭିନ୍ନ ପ୍ରକାର କର୍କଟ, ଯାବତୀୟ ଯକୃତ ରୋଗ, ହୃଦରୋଗ, ହୃଦଘାତ, ବୃକକ ଓ ଯକ୍ଷ୍ମା ଭଳି ଦୀର୍ଘସ୍ଥାୟୀ ରୋଗ ସୃଷ୍ଟି ହୁଏ। ଅର୍ଥ ଅଭାବରୁ ଏହି ରୋଗର ଚିକିତ୍ସିତ ହୋଇ ନ ପାରି ଅକାଳରେ ଜୀବନ ଚାଲିଯାଏ।ଏହି ଭଳି ରୋଗରେ ଆକ୍ରାନ୍ତ ହୋଇ ଅନେକ ଧନୀ, ମାନି, ଜ୍ଞାନୀ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ସାଂପ୍ରତିକ ସମୟରେ ଆଧୁନିକ ମଣିଷ ସଭ୍ୟତାରେ ଯେଉଁ ସ୍ଥାନରେ ଶିକ୍ଷା ଭଳି ମୌଳିକ ସୁବିଧା ପହଞ୍ଚି ପାରି ନ ଥାଏ କିନ୍ତୁ ସେହି ସ୍ଥାନରେ ଏହି ନିଶା ଦ୍ରବ୍ୟ ତାହାର କାୟା ବିସ୍ତାର କରିଦେଇଛି। ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଲୋକଙ୍କ ପାଖରେ ଟଙ୍କା ପଇସାର ଅଭାବ କିନ୍ତୁ ଏହି ନିଶା ଦ୍ରବ୍ୟ ପାଇଁ କିଛି ଅଭାବ ନଥାଏ। ତେଣୁ ସହଜରେ ଉପଲବ୍ଧ ଥିବା ନିଶା ଦ୍ରବ୍ୟ ଓ ସମାଜରେ ବୟୋଜ୍ୟେଷ୍ଠଙ୍କ ଦ୍ୱାରା ବ୍ୟବହୃତ ନିଶା ସାମଗ୍ରୀ ଦ୍ୱାରା ଆକର୍ଷିତ ହୋଇ ଅନେକ ଲୋକ କୈଶୋର ଅବସ୍ଥାରେ ଏହା କବଳରେ ପଡିଯାନ୍ତି। ନିଶା ସେବନ କରୁଥିବା ଅନେକ ଯୁବକଯୁବତୀ ପ୍ରଥମେ ନିଜ ପରିବାରର ସଦସ୍ୟଙ୍କ ଠାରୁ ହିଁ ନିଶା ସେବନ ଶିଖିବା ନଜିର ରହିଛି। ଆଉ କିଏ କିଏ ସାଙ୍ଗସାଥୀ ମେଳରେ, କିମ୍ବା ପ୍ରଚଳିତ ବିଜ୍ଞାପନ ପ୍ରତି ଆକୃଷ୍ଟ ହୋଇ ନିଜକୁ ବିଜ୍ଞାପିତ ବ୍ୟକ୍ତିତ୍ୱ ଭଳି କରିବା ଲକ୍ଷ୍ୟରେ ନିଶା ସେବନକୁ ଆଦରି ନେଇଥାନ୍ତି। ନିଶା ସେବନ ଠାରୁ ଦୂରେଇ ରହିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟି କରାଯାଉଛି । ଲୋକେ ସଚେତନ ବି ହୁଅନ୍ତି କିନ୍ତୁ ସଚେତନ ଥାଇ ମଧ୍ୟ ନିଶା ପ୍ରତି ଆକୃଷ୍ଟ ହେଉଛନ୍ତି। ଏଥିପାଇଁ ମାନସିକତାର ପରିବର୍ତ୍ତନ ଆବଶ୍ୟକ। ଏକ କଥାକୁ ବିଚାର କରାଯାଇପାରେ। ଯେତେବେଳେ ଔଷଧ ଦୋକାନରୁ ଔଷଧ କ୍ରୟ କଲାବେଳେ ଆମେ ଔଷଧରେ ସୂଚିତ ଥିବା ସୂଚନା ତଥା ଔଷଧର ମୂଲ୍ୟ, ତିଆରି ତାରିଖ ଓ ଅବଧି ସମୟ ଭଲ ସେ ପରିଖି ଆଣୁ ଦୋକାନୀ ଯଦି ଭୁଲବଶତଃ ଅବଧି ନଥିବା ଔଷଧ ଦେଇଦେଇଛି ତେବେ ତା ସହ ଉତ୍ତମ ମଧ୍ୟମ ସହ ଅନେକ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରୁ କିନ୍ତୁ ନିଶା ସାମଗ୍ରୀ କିଣିଲା ବେଳେ ଅତି ସ୍ୱଷ୍ଟ ଭାବରେ ଶରୀର ପ୍ରତି କ୍ଷତିକାରକ କିମ୍ବା ତମାଖୁ ସେବନ କର୍କଟର କାରଣ ଲେଖା ସହ ସ୍ପଷ୍ଟ ଆଉ ଭୟଙ୍କର ହାନିକାରକ ଛବି ମଧ୍ୟ ଦିଆଯାଉଛି। କିନ୍ତୁ ସେପ୍ରତି କାହାର ଗୁରୁତ୍ୱ ନାହିଁ। ଅନ୍ୟ ଦ୍ରବ୍ୟ ବଜାର ଦର ଠାରୁ ଅଧିକ ଦର ଦେଇ କିଣିବା ପାଇଁ କଷ୍ଟ ଲାଗେ କିନ୍ତୁ ନିଶା ଦ୍ରବ୍ୟ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଦୁଇ ତିନି ଗୁଣା ଅଧିକ ମୂଲ୍ୟରେ କିଣିବା ପାଇଁ ସଙ୍କୋଚ ଲାଗେନା। ତେଣୁ ନିଶା ହାବୁଡ଼ରେ ଯିଏ ପଡ଼ିଛି ନିଶା ତାକୁ ତଳିତଳାନ୍ତ ନକରି ଛାଡ଼ିନି। ସମାଜରେ ଅନେକ ପ୍ରତିଷ୍ଠିତବ୍ୟକ୍ତି ନିଶା ସେବନ କରି ନିଜ ଜୀବନକୁ ନଷ୍ଟ କରିବା ସହ ନିଜ ପରିବାର ପିଲା ଛୁଆ ଭବିଷ୍ୟତକୁ ଅନ୍ଧକାର ମୟ କରିଦେଇଛନ୍ତି।

ଭାରତରେ ସାଧାରଣତଃ ବିଡି, ସିଗାରେଟ୍, ଗୁଟଖା, ଖଇନି, ପାନ, ମାଣ୍ଡ୍ୱା ଭଳି ତମାଖୁ ଜାତ ଦ୍ରବ୍ୟ, ଗଞ୍ଜେଇ, ମଦ, ଅଫିମ, ଚରସ୍‌ଠୁ ଆରମ୍ଭ କରି ବ୍ରାଉନ ସୁଗାର ଭଳି ନିଶା ଦ୍ରବ୍ୟର ବ୍ୟବହାର କରାଯାଏ। ତମାଖୁ ଜାତ ନିଶା ଦ୍ରବ୍ୟର ଥିବା ନିକୋଟିନ ନାମକ ରାସାୟନିକ ପଦାର୍ଥ ଯୋଗୁଁ ଏହାକୁ ଛାଡ଼ିବା କଷ୍ଟକର ହୁଏ। ଏହି ନିକୋଟିନ ସେବନର ଅଳ୍ପ ସେକେଣ୍ଡ ମଧ୍ୟରେ ରକ୍ତରେ ମିଶି ମସ୍ତିଷ୍କରେ ପହଞ୍ଚି ମସ୍ତିଷ୍କରେ ନିଜ ପ୍ରଭାବ ବିସ୍ତାର କରିଦିଏ। ଆଜି କାଲି ଅଧିକ ନିଶା ଅନୁଭବ ପାଇଁ ତମାଖୁ ଜନିତ ଦ୍ରବ୍ୟର ନିକୋଟିନ ସହ ବିଡି ସିଗାରେଟ୍ ଭଳି ଧୂଆଁଯୁକ୍ତ ତମାଖୁ ନିଶା ଦ୍ରବ୍ୟରେ ୭୦୦୦ ପ୍ରକାର ବିଷାକ୍ତ ରାସାୟନିକ ଦ୍ରବ୍ୟ ମିଶାଇ ପ୍ରସ୍ତୁତ କରାଯାଏ। ଯେଉଁଥିରେ କି ୭୯ ଟି ରାସାୟନିକ ଦ୍ରବ୍ୟ ମୁଖ୍ୟତଃ ବିଭିନ୍ନ ପ୍ରକାର କର୍କଟର ମୂଳ କାରକ ହୁଅନ୍ତି। ସେହି ଭଳି ଧୂଆଁ ବିହୀନ ତମାଖୁ ଯଥା ଗୁଡାଖୁ, ଖଇନୀ, ମାଣ୍ଡ୍ୱା, ନାସ ଓ ଗୁଟଖାରେ ୩୦୦୦ ପ୍ରକାର ରାସାୟନିକ ମିଶ୍ରଣ କରି ପ୍ରସ୍ତୁତ କରାଯାଏ ଏହି ଭିତରେ ୨୯ ଗୋଟି ରାସାୟନିକ ପଦାର୍ଥ ମୁଖ ଗହ୍ୱର କର୍କଟ ସୃଷ୍ଟି କରନ୍ତି। ସେହି ଭଳି ମଦରେ ଥିବା ଆଲକୋହଲର ବହୁଳ ବ୍ୟବହାର ଓ ଅଧିକ ପରିମାଣରେ ବ୍ୟବହାର ଦ୍ୱାରା ଶରୀରରେ ଅନେକ କୋଷ ନିଶା ଶକ୍ତ ହୋଇ ନିସ୍ତେଜ୍ ହୋଇଯାଆନ୍ତି। ସେହିଭଳି ଗଞ୍ଜେଇ ତଥା ଅନ୍ୟାନ୍ୟ ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା ଶରୀରର ଅନେକ କ୍ଷତି ହୁଏ। ବହୁ ଅସାଧ ରୋଗ ମଧ୍ୟ ନିଶା ପାଇଁ ହୁଏ।

ଭାରତରେ ପାଖାପାଖି ୩୩୬ ଜଣ ପ୍ରତି ଦିନ ମଦ ସେବନ ଜନିତ ମୃତ୍ୟୁ ବରଣ କରୁଛନ୍ତି ଯାହାକି ଚାଇନା ଠାରୁ ବି ଅଧିକ । ତା ସହ ସଡ଼କ ଦୁର୍ଘଟଣାର ଶତକଡା ୪୦ ଭାଗ ନିଶା ସେବନ କାରଣ ଯୋଗୁ ହୋଇଥାଏ। ସେହି ପରି ପ୍ରତି ବର୍ଷ ୧୩.୫ ଲକ୍ଷ ଲୋକ ତମାଖୁ ଜନିତ ମୃତ୍ୟୁ ବରଣ କରୁଛନ୍ତି । କେବଳ ଯେ ମୃତ୍ୟୁବରଣ ନୁହେଁ ନିଶା ସେବନ ସାମାଜିକ ଆର୍ଥିକ ଅଭିବୃଦ୍ଧି ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଏ। ତେଣୁ ନିଶା ସେବନରୁ ଯେତେ ଶୀଘ୍ର ଦୂରେଇ ରହିବା ସେତେ ନିଜ ପାଇଁ ନିଜ ପରିବାର ପାଇଁ ତଥା ସମାଜ ପାଇଁ ମଙ୍ଗଳ।

ନିଶା ଠାରୁ ଦୂରେଇ ରହିବା ବା ରଖିବା ପାଇଁ ସମସ୍ତଙ୍କ ଗୁରୁ ଦାୟିତ୍ୱ ରହିଛି। ନିଶା ସେବନ ବ୍ୟକ୍ତିକୁ ନିଶା ମୁକ୍ତି ପାଇଁ ଚେଷ୍ଟା କରିବା ସହ କୈଶୋର ଯୁବକ ଯୁବତୀ ମାନେ କିଭଳି ନିଶା ପ୍ରତି ଆକୃଷ୍ଟ ହେବେ ନାହିଁ ସେଥି ନିମନ୍ତେ ଅଧିକ ଯତ୍ନବାନ ହେବା ଉଚିତ୍। ସରକାରଙ୍କ ପକ୍ଷରୁ ନିଶାକୁ ବନ୍ଦ କରିବା ପାଇଁ ପ୍ରଣୟନ ଥିବା ଆଇନ୍‌କୁ କଡାକଡି କାର୍ଯ୍ୟକାରୀ କରିବା ସହ ଆଇନ୍ ଅମାନ୍ୟ କରୁଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଇବାରେ କାର୍ଯ୍ୟପନ୍ଥା କରାଯିବା ଆବଶ୍ୟକ। ସର୍ବସାଧାରଣ ସ୍ଥାନରେ କିପରି ନିଶା ସେବନ ବନ୍ଦ ରହିବ ସେଥିପ୍ରତି ଉଭୟ ସରକାର ଓ ନାଗରିକ ସମାଜ ଦାୟିତ୍ୱ ବହନ କରିବାକୁ ପଡ଼ିବ। ଯେଉଁ ମାନେ ନିଶା ସେବନ କରୁଛନ୍ତି ସେମାନେ ନିଜର ବିବେକ ଅନୁସାରେ ସର୍ବସାଧାରଣ ସ୍ଥାନ ଓ ସର୍ବ ସମ୍ମୁଖରେ ନିଶା ସେବନରୁ ନିବୃତ ରହିବ ଉଚିତ୍ ଓ ଛୋଟ ପିଲାଙ୍କ ହାତରେ ନିଶା ଦ୍ରବ୍ୟ ମଗାଇବା ମଧ୍ୟ ଆଇନ୍ ଅନୁସାରେ ଦଣ୍ଡନୀୟ ଅପରାଧ ତେଣୁ ଅଭଳି ଅଭ୍ୟାସରୁ ଦୂରେଇ ରହିବ ଉଚିତ୍। ନିଶା ଛାଡ଼ିବା ପାଇଁ ସମସ୍ତ ସରକାରୀ ଚିକିତ୍ସାଳୟରେ ଚିକିତ୍ସା ଓ ପରାମର୍ଶ କେନ୍ଦ୍ର ମାନ ରହିଛି ତାହାର ସାହାଯ୍ୟ ନେଇପାରିବ। ଶେଷରେ ସମସ୍ତେ ନିଜ ନିଜ ସ୍ତରରେ ନିଶା ମୁକ୍ତି ପାଇଁ ଚେଷ୍ଟା କରିବା ଉଚିତ୍। ଏକ ସମୃଦ୍ଧ, ଉନ୍ନତ, ସୁସ୍ଥ ସମାଜ ପାଇଁ ନିଶା ମୁକ୍ତି ନିହାତି ଆବଶ୍ୟକ।

# ଆମ ସମାଜରେ ସବୁଜ ବିପ୍ଳବର ପ୍ରଭାବ



ଡଃ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

ଆଜିକାଲି ଗାଁ ଗଣ୍ଡା, ରାସ୍ତାଘାଟ, ସହରବଜାର ସବୁଠି ଦେଶୀ (ଅର୍ଗାନିକ୍) ପରିବା, ଫଳମୂଳ, ଅକାଣ୍ଡିଆ ଚାଉଳ ତଥା ଦେଶୀ ଗାଈର କ୍ଷୀର ଆଦିର ଆଗ୍ରହ ବଢୁଛି । ଲୋକମାନେ କହୁଛନ୍ତି ପାଞ୍ଚ ଜାଗାରେ ବରଂ ପରଶ ଦେବୁ କିନ୍ତୁ ନିଜ ସ୍ୱାସ୍ଥ୍ୟ ତଥା ସ୍ୱାଦକୁ ବଳି ପକାଇବୁ ନାହିଁ। ଯଦିଓ ଏଥିରେ ଅନେକ ଏକମତ ନ ହୋଇ ବିଭିନ୍ନ ଶଙ୍କର ଜାତୀୟ ଦ୍ରବ୍ୟ କିଣିବା ତଥା ଉତ୍ପାଦନ କରିବାରେ ମନ ବଳାଇ ସ୍ଥାନୀୟ ତଥା ଋତୁଭିତ୍ତିକ ଫଳ ଓ ପନିପରିବା ଜାଗାରେ ସେମାନେ ଅଦିନିଆ ଏବଂ ବାହାରର ପରିବାପତ୍ର ଓ ଫଳମୂଳ ଖାଇବାକୁ ନିଜର ସୌଖିନ ତଥା ଆଭିଜାତ୍ୟର ସନ୍ତକ ବୋଲି ମନେ କରିଥାଆନ୍ତି। ଏହି ଚାହିଦାକୁ ଲକ୍ଷ୍ୟକରି ଅଦିନିଆ ଫଳମୂଳ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ଉତ୍ପାଦନକୁ ଅଧିକ ତଥା ଆକର୍ଷଣୀୟ କରିବା ପାଇଁ କୃତ୍ରିମ ସାର, ହରମୋନ, କୀଟନାଶକ ଔଷଧ ଆଦି ବହୁଳଭାବେ ପ୍ରୟୋଗ ହେଉଛି । ତେବେ ଏ ପ୍ରକାର କୃଷି ପଦ୍ଧତି ଆଜିର ନୁହେଁ ବରଂ ପ୍ରାୟ ପଚାଶବର୍ଷ ପୂର୍ବରୁ ଦେଶର ଆବଶ୍ୟକତାକୁ ଲକ୍ଷ୍ୟ କରି ଆମ ଦେଶ ଭାରତ ଉକ୍ତ ପଦ୍ଧତିକୁ ଆପଣେଇ ନେଇଥିଲା ।

ସ୍ୱାଧୀନୋତ୍ତର ଭାରତବର୍ଷରେ ବିଭିନ୍ନ କାରଣ ଯୋଗୁଁ ଖାଦ୍ୟାଭାବ ଦେଖା ଦେଇଥିଲା ଯାହା ଷାଠିଏ ଦଶକ ବେଳକୁ ଉଗ୍ରରୂପ ଧାରଣ କରିଥିଲା । ଏହାର ସମାଧାନ ପାଇଁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀ 'ଜୟ କିଷାନ' ଡାକରା ଦେଇ କୃଷି ତଥା କୃଷକଙ୍କର ଉନ୍ନତି ପାଇଁ ପ୍ରଚେଷ୍ଟା କରିବା ଆରମ୍ଭ କରିଥିଲେ । ତେବେ ତାଙ୍କର ଅକାଳ ଦେହାନ୍ତ ପରେ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ, ବିଶିଷ୍ଟ କୃଷି ବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନଙ୍କ ସହ ପରାମର୍ଶ କରି 'ସବୁଜ ବିପ୍ଳବ'ର ଅୟମାରମ୍ଭ କରିଥିଲେ । ଜମି ଗୁଡ଼ିକର ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ସହିତ ଭାରତରୁ କ୍ଷୁଧା ସମସ୍ୟା ଦୂର କରିବା ଏହାର ମୂଳ ଲକ୍ଷ୍ୟ ଥିଲା । ଏହି ଲକ୍ଷ୍ୟ ହାସଲ ପାଇଁ ଶଙ୍କର ଜାତୀୟ ବିହନ ବ୍ୟବହାର ସହିତ କୃତ୍ରିମ ସାର ଏବଂ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା ଯାହାଫଳରେ ଲୋକମାନେ ପାରମ୍ପରିକ କୃଷି ପଦ୍ଧତି ଛାଡ଼ି ଧିରେଧିରେ ମେସିନ୍ ଏବଂ ତଥାକଥିତ ବିଭିନ୍ନ ବୈଜ୍ଞାନିକ କଳା କୌଶଳକୁ ଆପଣେଇବା ଆରମ୍ଭ କରିଥିଲେ। ସୁଖର ବିଷୟ, ଖୁବ୍ ଶୀଘ୍ର ଭାରତରେ କେବଳ କ୍ଷୁଧା ସମସ୍ୟା ଦୂର ହେଲା ନାହିଁ ବରଂ ଭାରତ ଏକ ଖାଦ୍ୟ ବଳକା ରାଷ୍ଟ୍ର ଭାବେ ପରିଗଣିତ ହେଲା । ତେବେ ଏତେସବୁ ସଫଳତା ପାଇବା ପରେ ମଧ୍ୟ କିଛି ସମାଲୋଚକ ଏହି ସଫଳତାର ଶ୍ରେୟକୁ ମାନିବାକୁ ନାରାଜ । ସେମାନଙ୍କ ମତରେ ନିମ୍ନଲିଖିତ କାରଣ ଯୋଗୁଁ ସବୁଜ ବିପ୍ଳବ ମାନବାଧିକାର କ୍ଷୁର୍ଣ୍ଣ କରିବାରେ ସହାୟକ ହେଉଛି ।

ପ୍ରଥମତଃ, ସବୁଜ ବିପ୍ଳବ ଯୋଗୁଁ ଆରମ୍ଭ କରାଯାଇଥିବା ଶଙ୍କର ଜାତୀୟ ବିହନ, କୃତ୍ରିମ ସାର ଏବଂ କୀଟନାଶକ ଔଷଧ ଗୁଡିକ ମନୁଷ୍ୟ ମାନଙ୍କର ଉଭୟ ଶାରିରୀକ ଓ ମାନସିକ କ୍ଷତି ପହଞ୍ଚାଉଥିବା ବେଳେ ମାଟି, ପାଣି ଓ ପବନ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। ଦ୍ୱିତୀୟତଃ, ଉକ୍ତ ବୈପ୍ଳବିକ କାର୍ଯ୍ୟକ୍ରମ ଗୁଡିକ ସାଧାରଣତଃ କୃଷିରେ ଉନ୍ନତ ତଥା ଜଳସେଚନ ସୁବିଧା ଥିବା ରାଜ୍ୟ ଯଥା ପଞ୍ଜାବ, ହରିୟାଣା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟ ମାନଙ୍କରେ ଆରମ୍ଭ କରାଯାଇଥିଲା ଯାହା ଫଳରେ ଅନ୍ୟ ରାଜ୍ୟ ଗୁଡ଼ିକ ବୈମାତୃକ ମନୋଭାବର ଶିକାର ହୋଇଥିବା ଭଳି ମନେହୁଏ । ତୃତୀୟତଃ, କୃଷିକାର୍ଯ୍ୟ ଗୁଡ଼ିକରେ ମେସିନ୍‌ର ବ୍ୟବହାର ହେତୁ ତାହା ସାଧାରଣ ଭାବେ ବଡ଼ବଡ଼ ଚାଷୀମାନଙ୍କ ପାଇଁ ଫଳପ୍ରସୁ ହେଲା ସିନା କିନ୍ତୁ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଏଥିରୁ ବଞ୍ଚିତ ହେଲେ ଯାହାଫଳରେ ଏହା ସାମାଜିକ ତାରତମ୍ୟ ବଢ଼ାଇବାରେ ସହାୟକ ହୋଇଥିଲା । ଏହା ବ୍ୟତୀତ ଗାଁ ଗଣ୍ଡାରେ ଥିବା ବିଭିନ୍ନ ସେବା ପ୍ରଦାନକାରୀ ଜାତି, ଦିନ ମଜୁରିଆମାନେ କାମଧନ୍ଦା ହରାଇବାର ଆଶଙ୍କା ସୃଷ୍ଟି ହୋଇଥିଲା ତେଣୁ ସେମାନେ ଆଉ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ ନ ହୋଇ କାମଧନ୍ଦା ଅନ୍ୱେଷଣରେ ଗାଁ ବାହାରକୁ ପାଦ କାଢ଼ିଲେ ଯାହା ଦାଦନ ସମସ୍ୟାକୁ ବହୁଗୁଣିତ କରିବାରେ ସହାୟକ ହେଲା । ଚତୁର୍ଥତଃ, ସବୁଜ ବିପ୍ଳବ ଯୋଗୁଁ କୃଷିକାର୍ଯ୍ୟ ବ୍ୟୟସାପେକ୍ଷ ହେଲା ଯେଉଁଥିପାଇଁ କୃଷକମାନେ ବିଭିନ୍ନ ସୂତ୍ରରୁ ଧାର କରଜ କରି କୃଷିକାର୍ଯ୍ୟରେ ବିନିଯୋଗ କଲେ। ଯଦି କୌଣସି କାରଣରୁ କୃଷି ଉତ୍ପାଦନ ବାଧାପ୍ରାପ୍ତ ହେଲା ତାହେଲେ ଏହି କ୍ଷତିକୁ ଭରଣା କରିବା ପାଇଁ ପୁଣି ସେମାନେ ଋଣ କରିବା ଆରମ୍ଭ କଲେ । ଉକ୍ତ ଋଣ ଭାରରେ ଅତିଷ୍ଠ ହୋଇ ସେମାନେ ବେଳେବେଳେ ଆତ୍ମହତ୍ୟା ଭଳି ପନ୍ଥାକୁ ବାଛିନେଲେ ଯାହାଫଳରେ ଅକାଳରେ ଏବଂ ଅକାରଣରେ ଅନେକ ଜୀବନ ନଷ୍ଟ ହେଲା । ଆଜିକାଲି କୃଷି ବ୍ୟୟ ସାପେକ୍ଷ ହେବା ପରିସ୍ଥିତିର ସୁଯୋଗରେ ବିଭିନ୍ନ ବହୁଦେଶୀୟ କମ୍ପାନୀମାନେ ଚୁକ୍ତିଭିତ୍ତିକ କୃଷି (କଣ୍ଟ୍ରାକ୍ଟ ଫାର୍ମିଂ)ରେ ମନ ଦେଲେଣି । ସେମାନେ ମଞ୍ଜି, ସାର, ବିଷ, କୃଷି ଯନ୍ତ୍ରପାତି ଆଦି ସବୁ କୃଷକମାନଙ୍କୁ ଯୋଗାଇଦେବେ କିନ୍ତୁ ଉତ୍ପାଦକୁ ଏକ ନିର୍ଦ୍ଦିଷ୍ଟ ଦରରେ ବିକିବା ପାଇଁ ଚାଷ ଆରମ୍ଭରୁ ସେମାନେ ଚୁକ୍ତିନାମା କରି ଥାଆନ୍ତି ଯାହାଫଳରେ ବଜାରରେ ଚଢ଼ାଦାମ୍‌ରେ ପରିବାପତ୍ର ତଥା ଶସ୍ୟ ଆଦି ବିକା ଯାଉଥିବା ବେଳେ କୃଷକଟି ମୁଣ୍ଡ କାନ ଆଉଁସି ପୂର୍ବ ନିର୍ଦ୍ଧାରିତ ଦରରେ ତା'ର ଉତ୍ପାଦକୁ ବିକ୍ରି କରିବା ପାଇଁ ବାଧ ହୋଇଥାଏ ଏବଂ କ୍ଷତି ସହିବା ହିଁ ସାର ହୋଇଥାଏ । ଅନ୍ୟ କେତେକ କ୍ଷେତ୍ରରେ ଉକ୍ତ ବହୁଦେଶୀୟ କମ୍ପାନୀମାନେ ଟଙ୍କା ଲୋଭ ଦେଖାଇ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ କୃଷକମାନଙ୍କ ଠାରୁ ଚୁକ୍ତିଭିତ୍ତିରେ ଜମିଗୁଡ଼ିକୁ ନେଇଯାଇ ନିଜ ଇଚ୍ଛା ମତେ ଚାଷ କରିଥାଆନ୍ତି । ସେଠାରେ ଚୁକ୍ତି କରିଥିବା କୃଷକ କେବଳ ଶ୍ରମିକ ଭାବେ କାମ କରିବାର ସୁଯୋଗ ପାଇଥାଏ ସିନା କିନ୍ତୁ କୌଣସି ନିଷ୍ପତ୍ତି ନେବାର ଅଧିକାର ହରାଇ ବସିଥାଏ । ଯାହା ଫଳରେ ତା'ର ପାରମ୍ପରିକ କୃଷି ପଦ୍ଧତି ତଥା ପ୍ରଣାଳୀକୁ ସିଏ ସବୁଦିନ ପାଇଁ ଜଳାଞ୍ଜଳି ଦେଇଦିଏ । କେବଳ ଧାନ ଚାଷ କଥା ବିଚାରକୁ ନେଲେ ଜଣାଯାଏ ଯେ ପୂର୍ବରୁ ଓଡିଶାରେ ଉପଲବ୍ଧ ଥିବା ଦୁଇହଜାର କିସମରୁ ଅଧିକଧାନ ଆଦି ଦୁଇଶହରୁ କମ୍ କିସମରେ ପହଞ୍ଚିଲାଣି । ତେଣୁ ଗୋଟିଏ ପଟେ ଉତ୍ପାଦନ ବୃଦ୍ଧି ଅନ୍ୟପଟେ ବେରୋଜଗାରୀ, ସାମାଜିକ ଓ ଆଂଚଳିକ ବୈଷମ୍ୟ ଓ ସ୍ୱାସ୍ଥ୍ୟଗତ ସମସ୍ୟା, ଆଦି ସମସ୍ୟା ଗୁଡ଼ିକମଝିରେ ବଳି ପଡୁଛି ମାନବାଧିକାରର ପ୍ରକୃତ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ । ଏଥିପାଇଁ ସମୟୋପଯୋଗୀ, ଚିରସ୍ଥାୟୀ ତଥା ଦୀର୍ଘସୂତ୍ରୀ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସରକାର, ବୁଦ୍ଧିଜୀବି ଏବଂ ସଭ୍ୟସମାଜ ନୀତିଗତ ନିଷ୍ପତ୍ତି ନେବାର ସମୟ ଉପଗତ ।

# ଟଙ୍କା ଦୁର୍ବଳ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ସର୍ବକାଳୀନ ହ୍ରାସ ଘଟି ୮୬ ଟଙ୍କା ୭୦ ପଇସାରେ ପହଁଚିଛି, ଯାହାକି କେବଳ ସମ୍ଭାବ୍ୟ ଆର୍ଥୀକ ମାନ୍ଦାବସ୍ଥାକୁ ତ୍ୱରାନ୍ୱିତ କରିନାହିଁ, ବାଣିଜ୍ୟ ନିଅଣ୍ଟ ଏବଂ ବୈଦେଶିକ ଚାପକୁ ପ୍ରଶସ୍ତ କରିଛି। ଆହୁରି ମଧ୍ୟ ଡଲାରର ମୂଲ୍ୟ ବୃଦ୍ଧି ସାଙ୍ଗକୁ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ସହ ଷ୍ଟକ ମାର୍କେଟ ଓ ବଣ୍ଡ ଉପରେ ଚାପ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ ଆରମ୍ଭ ପରଠାରୁ ଟଙ୍କାର ଏହା ହେଉଛି ଦ୍ରୁତ ଅବନତି। କହିବା ବାହୁଲ୍ୟ ଯେ, ଟଙ୍କା ଏସିଆ ମହାଦେଶରେ ସବୁଠାରୁ ସ୍ଥିର ମୁଦ୍ରାଭାବେ ରହିଛି, କିନ୍ତୁ ଦ୍ରୁତ ଅବନତି ମୁଦ୍ରାସ୍ଫିତିକୁ ଉତ୍ସାହିତ କରିବା ସହ ଆମଦାନୀ ମୂଲ୍ୟକୁ ଉପରମୁହାଁ କରିଛି। ସେହିପରି ଆନ୍ତର୍ଜାତିକ ଓ ଘରୋଇ ଚାପରେ ଗତ ଡିସେମ୍ବର ପରଠାରୁ ଟଙ୍କା ୨ ପ୍ରତିଶତ ଅବନତି ଘଟିଛି। ଏହା ମଧ୍ୟ ମୁଦ୍ରାସ୍ଫୀତିକୁ ମୁକାବିଲା କରିବାରେ ଆମଦାନୀକାରୀଙ୍କ ପାଇଁ ହଠାତ୍ ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଟଙ୍କାର ଅବନତି ଏପରି ଏକ ସମୟରେ ଘଟିଛି, ଯେଉଁ ସମୟରେ ଆମେରିକାର ନୂତନ ରାଷ୍ଟ୍ରପତି ଭାବେ ଡୋନାଲଡ୍ ଟ୍ରମ୍ପଙ୍କ ପ୍ରଶାସନ ଆରମ୍ଭ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପଙ୍କ ବିଭିନ୍ନ କାର୍ଯ୍ୟକଳାପ ଆନ୍ତର୍ଜାତିକ ବଜାରକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେବା ଆଶଙ୍କା ସୃଷ୍ଟି କରିଛି। ଏହା ନିସନ୍ଦେହ ଯେ, ଡଲାରର ମୂଲ୍ୟ ତୁଳନାରେ ଟଙ୍କାର ମୂଲ୍ୟରେ ଅବନତି ନୂଆ ନୁହେଁ। ଅଶୀ ଦଶକୁ ଟଙ୍କାର କ୍ରମଶଃ ମୂଲ୍ୟ ହ୍ରାସ ପାଇ ଆସୁଥିବାବେଳେ ଡଲାର ଶକ୍ତିଶାଳୀ ହେବାରେ ଲାଗିଛି। ଗତ ସୋମବାର ଦିନ ସକାଳେ ଆନ୍ତଃବ୍ୟାଙ୍କ ଫରେନ ଏକସ୍‌ଚେଞ୍ଜରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୬ ଟଙ୍କା ୧୨ପଇସାରୁ ଆରମ୍ଭ ପରେ ୮୬ଟଙ୍କା ୧୧ ପଇସା ସ୍ଥିର ରହିଥିଲା। କିନ୍ତୁ କାରବାର ଶେଷ ବେଳକୁ ଟଙ୍କାର ମୂଲ୍ୟରେ ୬୬ପଇସା ହ୍ରାସ ପାଇ ୮୬ ଟଙ୍କା ୭୦ ପଇସାରେ ପହଁଚିଥିଲା। ଗୋଟିଏ ଦିନରେ ଟଙ୍କାର ମୂଲ୍ୟ ୬୬ପଇସା ହ୍ରାସ ପାଇବା ପାଖାପାଖି ୨ବର୍ଷ ମଧ୍ୟରେ ସର୍ବାଧିକ ସ୍ମରଣ କରାଯାଇପାରେ ଯେ, ୨୦୨୩ ଫେବୃୟାରୀ ପ୍ରଥମ ସପ୍ତାହରେ ଟଙ୍କାର ମୂଲ୍ୟ ସର୍ବାଧିକ ୬୮ପଇସା ହ୍ରାସ ପାଇଥିଲା। କେବଳ ଏତିକି ନୁହେଁ, ଗତ କିଛି ମାସ ହେଲା ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ଡିସେମ୍ବର ୧୯ତାରିଖରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୫ଟଙ୍କା ଥିବାବେଳେ ୩୦ ତାରିଖରେ ୮୫ଟଙ୍କା ୫୨ପଇସାକୁ ଖସିଥିଲା। ଗତ ଶୁକ୍ରବାର ଦିନ ଟଙ୍କାର ମୂଲ୍ୟକୁ ୮୬ଟଙ୍କା ୪ପଇସାକୁ ଖସିଥିବାବେଳେ ଏବେ ୮୬ଟଙ୍କା ୭୦ରେ ପହଁଚିଛି। ଟଙ୍କାର ମୂଲ୍ୟ ହ୍ରାସ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ସୁଧହାର ହ୍ରାସକୁ ସ୍ଥଗିତ ରଖିପାରେ। ଦେଶରେ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ସହ ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇପାରେ। ଏବେ ଖାଦ୍ୟ ସାମଗ୍ରୀ ବିଶେଷ କରି ପନିପରିବାର ମୂଲ୍ୟ କମିବା ଯୋଗୁଁ ମୁଦ୍ରାସ୍ଫୀତି ଗତ ଚାରି ମାସରେ ୫.୨୨ ପ୍ରତିଶତକୁ ହ୍ରାସ ପାଇଛି। କିନ୍ତୁ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁଁ ଦେଶରେ ତୈଳର ଦର ବଢିବା ଆଶଙ୍କା ରହିବା ରହିଥିବା ବେଳେ ଯାହାର ପ୍ରଭାବ ସିଧାସଳଖ ବିଭିନ୍ନ ସାମଗ୍ରୀ ଉପରେ ପଡିବ। ତେବେ ଏହାର ମୁକାବିଲା ଏବେ ଗୁରୁତର ଚ୍ୟାଲେଞ୍ଜ ସଦୃଶ ହୋଇଛି। ଏନେଇ ବିରୋଧି ଦଳଗୁଡିକ ସରକାରଙ୍କ ବିରୁଦ୍ଧରେ ବୟାନବାଜୀ ଦେଶର ଅର୍ଥନୈତିକ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ଜରୁରୀ। ଏ ନେଇ ଦେଶ ଓ ଅପେକ୍ଷା କର ନୀତି ସହ ଦେଶର ଅର୍ଥନୈତିକି ସ୍ୱାର୍ଥ ସ୍ୱଷ୍ଟ ଆଲୋଚନାର ଆବଶ୍ୟକତା ରହିଛି। କାରଣ ଟଙ୍କାର ଦ୍ରୁତ ଅବନତି ଭାବି ନପାରିବା ଭଳି ବିପଦ ଆର୍ଥୀକ ପରିସ୍ଥିତିରେ ସୃଷ୍ଟି କରିବା ଆଶଙ୍କା ରହିଛି । ଟଙ୍କା ଦୁର୍ବଳ ହେବାରୁ ବିଦେଶର ଋଣ ୨୦ପ୍ରତିଶତ ହ୍ରାସ ପାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଉଲ୍ଲେଖ କରାଯାଇପାରେ ଯେ, ଆମେରିକା ସ୍ଥିତ ଏକ ଫାର୍ମ ଭବିଷ୍ୟବାଣୀ କରିଛି ଯେ, ନିକଟ ଭବିଷ୍ୟତରେ ଟଙ୍କା ଆହୁରି ଦୁର୍ବଳ ହୋଇ ଡଲାର ତୁଳନାରେ ୮୮ଟଙ୍କାରେ ପହଁଚିପାରେ। ତେବେ ଏ ନେଇ ଭାରତ ବେଳହୁଁ ସଜାଗ ରହିବା ଜରୁରୀ। ଭାରତ ବିଶ୍ୱରେ ତୃତୀୟ ବୃହତ ଅର୍ଥନୈତିକି ଶକ୍ତି ଭାବେ ନିଜକୁ ପ୍ରତିଷ୍ଠିତ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଟଙ୍କା ଦୁର୍ବଳ ହେବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

# ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ଘୋଷଣା

**ନୂଆଦିଲ୍ଲୀ**

ଉଭୟ ଟେଷ୍ଟ ଓ ଟି-ଟ୍ୱେଣ୍ଟିରେ ଭଲ ପ୍ରଦର୍ଶନ କରିଥିବାରୁ ଯଶସ୍ୱୀ ଜୈସୱାଲଙ୍କୁ ଚାମ୍ପିୟନ୍ସ ଟ୍ରଫି ପାଇଁ ଟିମ୍‌ରେ ସାମିଲ କରାଯାଇଛି।

ଚାମ୍ପିୟନ୍ସ ଟ୍ରଫି ପାଇଁ ଘୋଷଣା ହୋଇଛି ଭାରତୀୟ ଦଳ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଖେଳିବ ଦଳ। ଶୁବମନ ଗିଲଙ୍କୁ ଉପ-ଅଧିନାୟକ କରାଯାଇଥିବା ବେଳେ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ଶାମି ସ୍କ୍ୱାଡ୍‌ରେ ସ୍ଥାନ ପାଇଛନ୍ତି।

୨୦୨୩ ଦିନିକିଆ ବିଶ୍ୱକପ ଖେଳିଥିବା ଅଧିକାଂଶ ଖେଳାଳିଙ୍କୁ ଚାମ୍ପିୟନ୍ସ ଟ୍ରଫି ପାଇଁ ଦଳରେ ସାମିଲ କରାଯାଇଛି। ସେମାନଙ୍କ ସହିତ ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର ଓ ଯଶସ୍ୱୀ ଜୈସୱାଲ ମଧ୍ୟ ଟିମ୍‌ରେ ଅଛନ୍ତି। ଉଭୟ ଋଷଭ ପନ୍ତ ଓ କେ.ଏଲ ରାହୁଲ ୧୫ ଜଣିଆ ସ୍କ୍ୱାଡ୍‌ରେ ସ୍ଥାନ ପାଇଛନ୍ତି। ସେମାନଙ୍କୁ ୱିକେଟ କିପର ଭାବେ ସାମିଲ କରାଯାଇଛି। କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କୁ ବି ଟିମ୍‌ରେ ନିଆଯାଇଛି। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ କୁଲଦୀପ ଆହତ ହୋଇଥିଲେ। ଏବେ ସେ ସୁସ୍ଥ ଅଛନ୍ତି ଓ ଚାମ୍ପିୟନ୍ସ ଟ୍ରଫି ପାଇଁ ସୁଯୋଗ ପାଇଛନ୍ତି। କିନ୍ତୁ ମହମ୍ମଦ ସିରାଜ, ସଞ୍ଜୁ ସାମସନ, ନୀତୀଶ କୁମାର ରେଡ୍ଡୀ ଓ କରୁଣ ନାୟର ଟିମ୍‌ରେ ସ୍ଥାନ ପାଇବାରେ ବିଫଳ ହୋଇଛନ୍ତି।

ଚାମ୍ପିୟନ୍ସ ଟ୍ରଫି ପାଇଁ ବିସିସିଆଇ ଘୋଷଣା କରିଥିବା ୧୫ ଜଣିଆ ଦଳରେ ଅଧିନାୟକ ରୋହିତ ଶର୍ମାଙ୍କ ସହିତ ଶୁବମନ ଗିଲ (ଉପ-ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର, କେ.ଏଲ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ଶାମି, ଅର୍ଶଦୀପ ସିଂହ, ଯଶସ୍ୱୀ ଜୈସୱାଲ, ଋଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜା ଅଛନ୍ତି।



ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ଘୋଷଣା ପୂର୍ବରୁ ଯଶପ୍ରୀତ ବୁମ୍‌ରାଙ୍କ ନାଁକୁ ନେଇ ବେଶ ଚର୍ଚ୍ଚା ହୋଇଥିଲା। ତାଙ୍କୁ ଦଳରେ ନିଆଯିବ ନା ନାହିଁ, ସେ ନେଇ ଆଶଙ୍କା ଦେଖା ଦେଇଥିଲା। କାରଣ ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟ ମ୍ୟାଚ୍‌ରେ ସେ ଆହତ ହୋଇଥିଲେ। ତାଙ୍କ ପିଠିର ମାଂସପେଶୀରେ ସମସ୍ୟା ଦେଖାଯାଇଥିଲା। ତେବେ ତାଙ୍କୁ ସଂପୂର୍ଣ୍ଣ ବେଡ୍-ରେଷ୍ଟ ପାଇଁ ଡାକ୍ତର ପରାମର୍ଶ ଦେଇଥିବା ଖବରକୁ ସେ କିଛି ଦିନ ତଳେ ଖଣ୍ଡନ କରିଥିଲେ।

ଅନ୍ୟପକ୍ଷରେ ଉଭୟ ଟେଷ୍ଟ ଓ ଟି-ଟ୍ୱେଣ୍ଟିରେ ଭଲ ପ୍ରଦର୍ଶନ କରିଥିବାରୁ ଯଶସ୍ୱୀ ଜୈସୱାଲଙ୍କୁ ପ୍ରଥମ ଥର ପାଇଁ ଦିନିକିଆ ସ୍କ୍ୱାଡ୍‌ରେ ସ୍ଥାନ ଦିଆଯାଇଛି। ତାଙ୍କୁ ଚାମ୍ପିୟନ୍ସ ଟ୍ରଫି ପାଇଁ ଟିମ୍‌ରେ ସାମିଲ କରାଯାଇଛି। ଗତ ବର୍ଷରେ ସେ ଟେଷ୍ଟରେ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସବୁଠୁ ଅଧିକ ରନ ସଂଗ୍ରହ କରିଥିଲେ। ଏଯାବତ ୧୮ଟି ଟେଷ୍ଟ ମ୍ୟାଚ ଖେଳିଥିବା ଯଶସ୍ୱୀ ୪ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ସହାୟତାରେ ୧୭୬୬ ରନ କରିଛନ୍ତି। ସେଥିରୁ କେବଳ ୨୦୨୪ରେ ସେ ୧୫ଟି ଟେଷ୍ଟରେ ୧୪୭୮ ରନ କରିଥିଲେ। ସେହିପରି ୨୩ଟି ଟି-ଟ୍ୱେଣ୍ଟିରୁ ଯଶସ୍ୱୀ ୭୨୩ ରନ କରିଛନ୍ତି। ଆଶା କରାଯାଉଛି ଚାମ୍ପିୟନ୍ସ ଟ୍ରଫିରେ ସେ ରୋହିତ ଶର୍ମା ଅବା ଶୁବମନ ଗିଲ୍‌ଙ୍କ ସହିତ ଓପନିଂ କରିବାକୁ ଆସିବେ।

ଭାରତୀୟ କ୍ରିକେଟ ଫ୍ୟାନ୍‌ଙ୍କ ପାଇଁ ଏକ ବହୁତ ବଡ଼ ଭଲ ଖବର। ଏହା ଯେ ଚାମ୍ପିୟନ୍ସ ଟ୍ରଫି ପାଇଁ ମହମ୍ମଦ ଶାମିଙ୍କୁ ଟିମ୍‌ରେ ନିଆଯାଇଛି। ୨୦୨୩ ଦିନିକିଆ ବିଶ୍ୱକପ ପରଠାରୁ ସେ ଆଉ ଟିମ ଇଣ୍ଡିଆ ପାଇଁ ପଡ଼ିଆକୁ ଓହ୍ଲାଇ ନାହାନ୍ତି। ଆହତ ଜନିତ କାରଣରୁ ସେ ଗତ ଏକ ବର୍ଷରୁ ଅଧିକ ସମୟ ହେଲା ଜାତୀୟ ଦଳ ପାଇଁ ଖେଳି ପାରି ନାହାନ୍ତି। ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ୫ଟି ମ୍ୟାଚ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍ ପାଇଁ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ଆସନ୍ତା ଫେବ୍ରୁଆରୀ ମାସ ୧୯ ତାରିଖରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବ।

## କୋହଲି-ବୁମ୍‌ରାଙ୍କ ଅଟୋଗ୍ରାଫ ଥିବା ବ୍ୟାଟ୍ ଦାନ କରିଦେଲେ ନାଥନ ଲିଅନ



**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ କ୍ରିକେଟର ନାଥନ ଲିଅନ ନିଜ ଦେଶର ଏଭଳି ଖେଳାଳିଙ୍କ ପାଇଁ କାମ କରିଥାନ୍ତି ଯାହାଙ୍କୁ ସମର୍ଥନର ଆବଶ୍ୟକତା ରହିଛି। ଏଥିଲାଗି ସେ ବଡ଼ ପଦକ୍ଷେପ ଉଠାଇ ନିଜର କିଛି ସାମଗ୍ରୀ ଦାନ କରିଛନ୍ତି, ଯେଉଁଥିରେ ବିରାଟ କୋହଲି ଏବଂ ଜସପ୍ରିତ ବୁମ୍‌ରାଙ୍କ ଅଟୋଗ୍ରାଫ ଥିବା ବ୍ୟାଟ୍ ସାମିଲ ଅଛି।

ଲିଅନ ନିଜର ଏଭଳି ନିଷ୍ପତ୍ତିକୁ ନେଇ କହିଛନ୍ତି, ଆମେ ଏବେ ଅନ୍ୟ କ୍ରିକେଟରଙ୍କ ପାଇଁ ରୋଲ୍ ମଡେଲ। ଯଦି ଆବେ ଯୁବ ଖେଳାଳିମାନଙ୍କୁ ଖେଳିବା ଲାଗି ପ୍ରେରଣା ଦେଇପାରୁ, ତେବେ କରିବା ଉଚିତ। କ୍ରିକେଟ ସମସ୍ତଙ୍କ ପାଇଁ। ଏବେ ମୁଁ ସହାୟତା କରୁଥିବା ଦିବ୍ୟାଙ୍ଗ ଖେଳାଳି ରାଜ୍ୟ କ୍ରିକେଟ ଖେଳୁଛନ୍ତି। ଆଶା କରୁଛି ଯେ ସେ ଅଷ୍ଟ୍ରେଲିୟ ଆଇଡି ଟିମ୍‌ରେ ଅନ୍ତର୍ଜାତୀୟ ଚୟନ ଲାଗି ହାତ ଉଠାଇବେ।

ତେବେ ୨୦୨୫ରେ ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୧୯ରେ ଆରମ୍ଭ ହେବ। ଜାନୁଆରୀ ୨୫ ଯାଏ ବ୍ରିସବେନ୍‌ର ମର୍ଚାଣ୍ଟ ପାର୍କରେ ଖେଳାଯିବ। ଏଥିରେ ଅଷ୍ଟ୍ରେଲିଆର ସମସ୍ତ ରାଜ୍ୟ ଏବଂ ଅଞ୍ଚଳର ୨୨ ଟିମ୍ ସାମିଲ ହେବ।

## ବିସିସିଆଇର ନୂଆ ନିୟମ ଘରୋଇ କ୍ରିକେଟ ନ ଖେଳିଲେ କଟିବ ଦରମା




**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ବିପକ୍ଷରେ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତର ୧-୩ ଗୋଲରେ ପରାଜୟ ପରେ ବିସିସିଆଇ ବହୁତ ସକ୍ରିୟ ହୋଇ ଉଠିଛି। ଏକ ନୂତନ '୧୦-ସୂତ୍ରୀ ନୀତି' କାର୍ଯ୍ୟକାରୀ କରାଯାଇଛି, ଯେଉଁଥିରେ ୧୦ଟି ନିୟମ ରଖାଯାଇଛି ଯାହାକୁ ଖେଳାଳିମାନେ ଏବେଠାରୁ ପାଳନ କରିବାକୁ ପଡ଼ିବ। ଦଳ ମଧ୍ୟରେ ଶୃଙ୍ଖଳା, ଏକତା ଏବଂ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ ଏହା କରାଯାଇଛି ବୋଲି କୁହାଯାଉଛି। କିନ୍ତୁ ଏପରି ଏକ ନିୟମ ଅଛି, ଯାହା ଯୋଗୁ ଜଣେ ଖେଳାଳିଙ୍କୁ ଦରମା କାଟ ଏବଂ ଆଇପିଏଲରୁ ବାସନ୍ଦ ଭଳି ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିପାରେ।

ବିସିସିଆଇ ସ୍ପଷ୍ଟ କରିଛି ଯେ ଏବେ ସମସ୍ତ ଖେଳାଳିଙ୍କ ପାଇଁ ଘରୋଇ କ୍ରିକେଟରେ ଅଂଶଗ୍ରହଣ କରିବା ବାଧ୍ୟତାମୂଳକ ହେବ। ଏହା ବ୍ୟତୀତ ଅନେକ କଠୋର ନିୟମ ମଧ୍ୟ ଜାରି କରାଯାଇଛି। ଯଦି କୌଣସି ଖେଳାଳି ନିୟମ ଉଲ୍ଲଂଘନ କରନ୍ତି, ତେବେ ତାଙ୍କୁ ଦଣ୍ଡ ଭୋଗିବାକୁ ପଡିବ ବୋଲି ବୋର୍ଡ ଏକ ଚେତାବନୀ ମଧ୍ୟ ଜାରି କରିଛି। ଏକ ନୂତନ ନିୟମରେ କୁହାଯାଇଛି, ଯଦି ଏକ ଜଟିଳ ପରିସ୍ଥିତି କିମ୍ବା ସମସ୍ୟା ଉପୁଜେ, ତେବେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ମୁଖ୍ୟ ଚୟନକର୍ତ୍ତାଙ୍କ ଅନୁମୋଦନ ପାଇବା ପରେ ହିଁ ଜଣେ ନିର୍ଦ୍ଦିଷ୍ଟ ଖେଳାଳି ଏହି ନିୟମ ବାହାରେ କାର୍ଯ୍ୟ କରିପାରିବେ। ଯଦି ଏହା କରାଯାଏ ନାହିଁ, ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

## ଭାରତୀୟ ଟିମ୍‌ରେ ଚାପେଲ ଯୁଗ ଭଳି ସ୍ଥିତି : ଡ୍ରେସିଂ ରୁମ୍ ଅବସ୍ଥା ଚିନ୍ତାଜନକ : ହରଭଜନ

**ନୂଆଦିଲ୍ଲୀ**

ମୁଖ୍ୟ କୋଚ୍ ଭାବେ ଗୌତମ ଗମ୍ଭୀର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଭାରତୀୟ ଟିମ୍ ପ୍ରଦର୍ଶନକୁ ନେଇ ସମାଲୋଚିତ ହେଉଛି। ଏଥିନେଇ ଡ୍ରେସିଂ ରୁମ୍‌ର ସ୍ଥିତି ବଦଳିବା ଭଳି ମନେ ହେଉଛି। କେତେବେଳେ ଖେଳାଳି ତ କେବେ ଖେଳାଳି-କୋଚ୍‌ଙ୍କ ମଧ୍ୟରେ ମତଭେଦ ନେଇ ଖବର ଆସୁଛି। ଯଦିଓ ଅଧିନାୟକ ରୋହିତ ଶର୍ମା ସବୁକିଛି ଠିକ୍ ଥିବା କହିଛନ୍ତି, ହେଲେ ପୂର୍ବତନ ଭାରତୀୟ ସ୍ପିନର ହରଭଜନ ସିଂ ଏହାକୁ ନେଇ ଖପ୍ପା ହୋଇଛନ୍ତି।



ହରଭଜନ କହିଛନ୍ତି, ଗତ ୬-୮ ମାସ ମଧ୍ୟରେ ଦଳ ନେଇ ଯେଉଁ ଖବର ସାମ୍ନାକୁ ଆସୁଛି, ତାହା ଡ୍ରେସିଂ ରୁମ୍‌ରେ ମତଭେଦର ସଙ୍କେତ। ଅଷ୍ଟ୍ରେଲିଆ ଗସ୍ତ ସମୟରେ ଅନେକ ଜାତୀୟ ଗଣମାଧ୍ୟମରେ ଅନେକ ଦାବି କରାଯାଇଥିଲା। ଭାରତୀୟ ଦଳରେ ଫାଟ ସହ ଜଣେ ବରିଷ୍ଠ ଖେଳାଳି ନିଜକୁ ଟିମ୍‌ରେ ମିଷ୍ଟର ଫିକ୍ସିଟ ଭାବେ ଦର୍ଶାଉଥିଲେ, ଯିଏକି ରୋହିତଙ୍କ ସ୍ଥାନରେ ଅଧିନାୟକ ହୋଇଥାନ୍ତେ। ସିଡ୍‌ନୀ ଟେଷ୍ଟ ପରେ ଏହି ଚର୍ଚ୍ଚା ଜୋର ଧରିଥିଲା। ହେଲେ ମ୍ୟାଚ୍‌ର ଦ୍ୱିତୀୟ ଦିନ ରୋହିତ ନିଜେ ନିଜ ପ୍ରଦର୍ଶନକୁ ଦେଖି ଦଳରୁ ନିଜକୁ ବାହାରେ ରଖିଥିବା କହିଥିଲେ। ଅଷ୍ଟ୍ରେଲିଆରୁ ଫେରିବା ପରେ ଦଳକୁ ଅନୁଶାସନକୁ ଆଣିବାକୁ ବିସିସିଆଇ ପଦକ୍ଷେପ ନେବ ବୋଲି କୁହାଯାଉଥିଲା। ତାହା ହିଁ ହେଲା। ସେମାନଙ୍କ ଉପରେ ଅନେକ ନିୟମ ଲାଗିଲା।

ଏଥିନେଇ ହରଭଜନ କହିଛନ୍ତି, ପରଦା ପଛରେ କୌଣସି ଡ୍ରାମା ଚାଲିଥିଲା। ଗତ ୨ ମାସରେ ଅନେକ ରିପୋର୍ଟ ସାମ୍ନାକୁ କିଭଳି ଆସିଲା। ଝଗଡ଼ା ସବୁ ଘରେ ହୋଇଥାଏ, ହେଲେ ତାହା ଘର ଭିତରେ ରହିବା ଉଚିତ। ଏହାକୁ ନିଜ ନିଜ ମଧ୍ୟରେ ସମାଧାନ କରିନିଅ। ଏତେ ଡ୍ରାମା କାହିଁକି ହେଉଛି। ଯଦି ଅଜିତ ଅଗରକର କୁହନ୍ତି ଯେ ଏସବୁ କଥା ସରଫରାଜ ନୁହନ୍ତି ବରଂ କୋଚ୍ କହିଛନ୍ତି ତେବେ କ'ଣ ହେବ, ଜଣେ ଅନ୍ୟଜଣଙ୍କ ଉପରେ ଦୋଷ ଲଦିବାର କୌଣସି ଅର୍ଥ ନାହିଁ।

ହରଭଜନ ଏବେର ଭାରତୀୟ ଡ୍ରେସିଂ ରୁମ୍‌ର ସ୍ଥିତିକୁ ଗ୍ରେଗ୍ ଚାପେଲଙ୍କ ସମୟର ଡ୍ରେସିଂ ରୁମ୍ ସହ ତୁଳନା କରି କହିଛନ୍ତି, ମୁଁ ଏଭଳି ଆଭ୍ୟନ୍ତରିଣ ଝଗଡ଼ା ଦେଖିଛି। ଗମ୍ଭୀର ନୂଆ। ତାଙ୍କୁ ଖେଳାଳିମାନଙ୍କୁ ଜାଣିବାକୁ ହେବ। ଖେଳାଳି ମଧ୍ୟ ତାଙ୍କୁ ଜାଣିବେ। ସମ୍ପର୍କ ମଜଭୂତ ନ ହେଲେ ପ୍ରଦର୍ଶନ ଅସମ୍ଭବ। ୨୦୦୬-୦୮ରେ ଯେବେ ଚାପେଲ କୋଚ୍ ଥିଲେ, ମୁଁ ଡ୍ରେସିଂ ରୁମ୍‌ର ଶୋଚନୀୟ ସ୍ଥିତି ଦେଖିଛି। ଏହା ପଛରେ ଖେଳାଳି ପରସ୍ପରକୁ ଦୋଷାରୋପ କରୁଥିଲେ। ଗଣମାଧ୍ୟମକୁ ଏତେ ସବୁ କିଭଳି ଜଣାପଡୁଥିଲା ବୋଲି ସେ କହିଛନ୍ତି।

## ରୋହିତ ଶର୍ମା କହିଲେ ହେଡ କୋଚଙ୍କ ସହ ନାହିଁ କୌଣସି ମତଭେଦ

**ନୂଆଦିଲ୍ଲୀ**

ଭାରତୀୟ ଅଧିନାୟକ ରୋହିତ ଶର୍ମା କହିଛନ୍ତି ଯେ ତାଙ୍କର ଏବଂ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ପୁରୁଷ ଟି-୨୦ ବିଶ୍ୱକପ ବିଜୟ ପରେ ରାହୁଲ ଦ୍ରାବିଡ ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେବା ପରଠାରୁ ରୋହିତ ଏବଂ ଗମ୍ଭୀର ଏକାଠି କାମ କରୁଛନ୍ତି, କିନ୍ତୁ ଗମ୍ଭୀରଙ୍କ ନେତୃତ୍ୱରେ ଭାରତ ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଲଗାତାର ଦୁଇଟି ମ୍ୟାଚ ଜିତିଛି। ଆମେ ଟେଷ୍ଟ ସିରିଜ ହାରିଛୁ।

୧୨ ବର୍ଷ ପରେ, ନ୍ୟୁଜିଲ୍ୟାଣ୍ଡ ଭାରତକୁ ତାର ନିଜ ମାଟିରେ ୩-୦ ଗୋଲରେ ପରାସ୍ତ କଲା ନିକଟରେ, ଗମ୍ଭୀର ବର୍ଡର-ଗାଭାସ୍କର ଟ୍ରଫି ସମୟରେ ଡ୍ରେସିଂ ରୁମ ଭିତରେ ଭାରତୀୟ ଦଳ ଉପରେ ଆକ୍ରମଣ କରିଥିବା ଖବର ମଧ୍ୟ ସାମ୍ନାକୁ ଆସିଥିଲା। ତଥାପି ଚାମ୍ପିଅନ୍ସ ଟ୍ରଫି ଦଳ ଘୋଷଣା କରିବା ସମୟରେ ୩୭ ବର୍ଷୀୟ ରୋହିତ ଶର୍ମା କହିଥିଲେ ଯେ ଗମ୍ଭୀର ତାଙ୍କ ଉପରେ ପୂର୍ଣ୍ଣ ଭରସା ଦେଖାଇଛନ୍ତି।

## ଚହଲଙ୍କୁ ଭରଣପୋଷଣ ପାଇଁ ୬୦ କୋଟି ମାଗିଛନ୍ତି ଧନଶ୍ରୀ!



**ମୁମ୍ବାଇ**

ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଏବଂ ଧନଶ୍ରୀଙ୍କ ଛାଡ଼ପତ୍ର ଖବର ସାମ୍ନାକୁ ଆସୁଛି। ଏହାକୁ ନେଇ ଲଗାତାର କଳ୍ପନାଜଳ୍ପନା ଚାଲିଛି। ଏବେ ସୋସିଆଲ ମିଡିଆରେ ଦାବି କରାଯାଉଛି ଯେ ଧନଶ୍ରୀ ଯୁଜଭେନ୍ଦ୍ର ଚହଲଙ୍କଠାରୁ ଭରଣପୋଷଣ ପାଇଁ ୬୦ କୋଟି ଟଙ୍କା ଦାବି କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଯୁଜବେନ୍ଦ୍ର ଧନଶ୍ରୀଙ୍କୁ ଟଙ୍କା ଦେଇନାହାନ୍ତି। ଏହି କାରଣରୁ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ସମସ୍ୟାର ସମାଧାନ ହୋଇପାରି ନାହିଁ। କିନ୍ତୁ ଏହି ଦାବିଗୁଡ଼ିକରେ କେତେ ସତ୍ୟତା ଅଛି ? ଧନଶ୍ରୀ କ'ଣ ପ୍ରକୃତରେ ଯୁଜବେନ୍ଦ୍ର ଚହଲଙ୍କ ଠାରୁ ଭରଣପୋଷଣ ପାଇଁ ୬୦ କୋଟି ଟଙ୍କା ମାଗିଛନ୍ତି ?

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଦାବିଗୁଡ଼ିକରେ କୌଣସି ସତ୍ୟତା ନାହିଁ। ଏପର୍ଯ୍ୟନ୍ତ ଧନଶ୍ରୀ ଏପରି କୌଣସି ଦାବି କରିନାହାଁନ୍ତି। ସେ ଏପର୍ଯ୍ୟନ୍ତ କୌଣସି ଖବର କିମ୍ବା ଅଫିସିଆଲି ବିବୃତ୍ତି ଦେଇନାହାଁନ୍ତି। ଏହା ସହିତ, ଯୁଜବେନ୍ଦ୍ର ଚହଲ ମଧ୍ୟ କିଛି କହିନାହାଁନ୍ତି। ଏହା ପୂର୍ବରୁ ଚହଲ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଥିଲେ। ଏହି ପୋଷ୍ଟରେ ସେ ତାଙ୍କ ପରିବାର ଏବଂ ପ୍ରଶଂସକଙ୍କୁ ସମର୍ଥନ ବିଷୟରେ କହିଛନ୍ତି ଏବଂ କୌଣସି ଆର୍ଥିକ କାରବାରର ଉଲ୍ଲେଖ କରି ନାହନ୍ତି। ଏହିପରି ଭାବରେ, ଏହା ସ୍ପଷ୍ଟ ଯେ ସୋସିଆଲ ମିଡିଆରେ ଚାଲିଥିବା ଆଲୋଚନା ଭିତ୍ତିହୀନ ଏବଂ ଧନଶ୍ରୀ କୌଣସି ଦାବି କରିନାହାଁନ୍ତି।

କହିବାକୁ ଗଲେ ଭାରତୀୟ କ୍ରିକେଟର ଯୁଜଭେନ୍ଦ୍ର ଚହଲଙ୍କ ସମ୍ପତ୍ତି ନିରନ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ବର୍ତ୍ତମାନ, ଯୁଜଭେନ୍ଦ୍ର ଚହଲଙ୍କ ସମ୍ପତ୍ତି ପ୍ରାୟ ୪୫ କୋଟି ଟଙ୍କା। ଯେତେବେଳେ, ଯୁଜଭେନ୍ଦ୍ର ଚହଲଙ୍କ ପତ୍ନୀ ଧନଶ୍ରୀ ୨୩ କୋଟି ଟଙ୍କାରୁ ଅଧିକ ସମ୍ପତ୍ତିର ମାଲିକାଣୀ। ତଥାପି, ଉଭୟଙ୍କ ମଧ୍ୟରେ ଫାଟ କାହିଁକି ସୃଷ୍ଟି ହେଲା ସେ ବିଷୟରେ ଏପର୍ଯ୍ୟନ୍ତ ସୂଚନା ପ୍ରକାଶ ପାଇନାହିଁ।

## ସିଏମ ଟ୍ରଫି : ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିୟନସିପ-୨୦୨୫



ଧାମନଗର : ନ୍ୟୁଜ୍ ବ୍ୟୁରୋ

ଭଦ୍ରକ ଜିଲ୍ଲା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଧାମନଗର ବ୍ଲକ ଦୋବଲ କାଳୀପଡ଼ିଆ ଠାରେ ସିଏମ ଟ୍ରଫି, ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନସିପ -୨୦୨୫ ର ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଶ୍ୟାମା କ୍ଲବ ତିହିଡି ସହିତ ସୁବର୍ଣ୍ଣେଶ୍ୱରୀ ଯୁଥ କ୍ଲବ ଆଗରପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣେଶ୍ୱରୀ ଯୁଥ କ୍ଲବ ଆଗରପଡ଼ା ୧.୦ ଗୋଲରେ ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଏସବିଡି ଫୁଟବଲ କ୍ଲବ ଗେଲପୁର ଭଦ୍ରକ ସହିତ ହେଲ୍ପ ଲାଇନ କ୍ଲବ ଧାମନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହେଲ୍ପ ଲାଇନ କ୍ଲବ ୧.୦ ଗୋଲରେ ବିଜୟ ହୋଇଥିଲା। ଏଥିରେ ୧୫ ବର୍ଷରୁ କମ ୮ଟି ଟିମ ଭାଗ ନେଇଛନ୍ତି। ଏହି ମ୍ୟାଚକୁ ସେକ ରିଆଜ କାଦ୍ରି, ଶୁଶାନ୍ତ କୁମାର ବିଶ୍ୱାଳ, ସେକ ସଲିମ ପରିଚାଳନା କରିଥିଲେ। ଶନିବାର ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଓ ରୋଭାର୍ସ କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ ଓ ମା କୋଠାରୀ କ୍ଲବ କୋଠାର ସହିତ ଚନ୍ଦବାଲି ଏନ ଏସି ଚନ୍ଦବାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା।




ଭୁବନେଶ୍ୱର : ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ସାଧୁସନ୍ଥ ପ୍ରଣାମୀ ମହୋତ୍ସବ-୨୦୨୫ ପାଳନ ଅବସରରେ ଉପସ୍ଥିତ ଅଛନ୍ତି ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଡ. ହରେକୃଷ୍ଣ ଶତପଥୀ, ପ୍ରଦ୍ୟୁମ୍ନ ଶତପଥୀ, ସତ୍ୟନାରାୟଣ ଆଚାର୍ଯ୍ୟ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରମୁଖ (ଫଟୋ-ସମ୍ବାଦ କଳିକା)

# ସିଏମ କପ : ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ରାଇଜିଂ ଷ୍ଟାର କ୍ଲବ ବିପକ୍ଷରେ ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ୬-୦ ଗୋଲରେ ବିଜୟୀ

## ତାରିଣୀ ଫୁଟବଲ ଏକାଡେମୀ ବିପକ୍ଷରେ ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ଏ' ୫-୧ ଗୋଲରେ ବିଜୟୀ

**କେନ୍ଦୁଝର : ନ୍ୟୁଜ୍ ବ୍ୟୁରୋ**

ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ରାଜ୍ୟ କ୍ରୀଡା, ଯୁବସେବା ବିଭାଗ ଆନୁକୂଲ୍ୟରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସିଏମ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ରାଇଜିଂ ଷ୍ଟାର କ୍ଲବ, ରାଇକଳା ବିପକ୍ଷରେ ୫-୧ ଗୋଲରେ ବିଜୟୀ ହୋଇ ଉଭୟ ବିଜୟୀ ଦଳ ଦୁଇ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ଅନୁଷ୍ଠିତ ପ୍ରଥମ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନର ଖେଳାଳି ମାନେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ୭ ନମ୍ବର ଖେଳାଳି ରୋହିତ ଗାଗରାଇଙ୍କ ତିନି ଗୋଟି ବ୍ୟକ୍ତିଗତ ଗୋଲ ୧୦ ନମ୍ବର ଖେଳାଳି କ୍ରିଷ୍ଣା ମହାକୁଡ଼ଙ୍କ ଦୁଇଟି ଗୋଲ ଏବଂ ମେଘନାଦ ନାୟକଙ୍କ ଗୋଟିଏ ଗୋଲ ସହାୟତାରେ ରାଇକଳାର ରାଇଜିଂ ଷ୍ଟାର କ୍ଲବ ବିପକ୍ଷରେ ୬-୦ ଗୋଲରେ ଏକ ସହଜସାଧ୍ୟ ବିଜୟ ହାସଲ କରି ଲିଗ ଟେବୁଲରେ ପୁରା ଦୁଇ ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇଛି। ସେହିପରି ଦ୍ୱିତୀୟ ଖେଳରେ ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ଏ' ତାରିଣୀ ଫୁଟବଲ ଏକାଡେମୀ ବିପକ୍ଷରେ ପ୍ରଥମାର୍ଦ୍ଧର ୧୬ ମିନିଟରେ ଏବଂ ୨୭ ମିନିଟରେ ଅଙ୍କିତ ବେହେରା ଦୁଇଟି ଗୋଲ ସ୍କୋର କରିଥିବା ବେଳେ ୩୯ତମ ମିନିଟରେ ଅନନ୍ତ ନାୟକ ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିବା ବେଳେ ତାରିଣୀ ଫୁଟବଲ ଏକାଡେମୀର ରଘୁନାଥ ମାଝୀ ୪୩ ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ ଏବଂ ଦ୍ୱିତୀୟାର୍ଦ୍ଧର ୪ ମିନିଟରେ ଅନନ୍ତ ନାୟକ ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ଏ' ଅନ୍ତିମ ଗୋଲଟି ସ୍କୋର କରି ୫-୧ ଗୋଲରେ ବିଜୟୀ ହେବା ସହ ପୁରା ଦୁଇ ପଏଣ୍ଟ ହାସଲ କରିଥିଲେ। ଅନୁଷ୍ଠିତ ପ୍ରଥମ ଖେଳରେ ଯତୀନ ମହାନ୍ତ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଅନନ୍ତ ଚଟର ଓ ଖଗେଶ୍ୱର ମୁର୍ମୁ ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶଙ୍କର୍ଷଣ ନାଏକ। ସେହିପରି ଦ୍ୱିତୀୟ ଖେଳରେ ଲମ୍ବୋଦର ମୁର୍ମୁ ରେଫରୀ ଥିବା ବେଳେ ଲାଇନରେ ଥିଲେ ଶଙ୍କର୍ଷଣ ନାଏକ ଏବଂ



ବାପୁନ ମାରାଣ୍ଡି ଚତୁର୍ଥ ରେଫରୀ ଥିଲେ ଯତୀନ ମହାନ୍ତ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ ଏବଂ ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



# ବସ୍ - ଟ୍ରକ୍ ଧକ୍କା : ବାପଝିଅ ମୃତ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ବିଜିନ୍ ଅଂଚଳରୁ ପ୍ରାୟ ୩୦ ରୋଗୀଙ୍କୁ ନେଇ ବିଶାଖାପାଟଣା ସ୍ଥିତ ଅନିଲ ନିରୁକୋଣ୍ଡା ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଉଥିବା ବସ୍ ଟି ଆଜି ଭୋର ୫ଟା ବେଳେ ଏକ ଟ୍ରକ୍ ସହିତ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାଟି ବିଶାଖାପାଟଣା ନିକଟରେ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲା ପଡ଼ିଆ ଥାନାସ୍ଥ ଏମ୍‌ଭି ୫୮ ଗ୍ରାମର ସୁବ୍ରତ ରାୟ ଏବଂ ତାଙ୍କ ସାନ ଝିଅଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏହା ସହିତ ୨୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବାର ଜଣାପଡ଼ିଛି । ମୃତ ସୁବ୍ରତ ରାୟ ବିଜେପି ଦଳର ଏମ୍‌ଭି ୫୮ ଗ୍ରାମର ବୁଥ୍ ର ସଭାପତି ଥିଲେ ଏବଂ ପଡ଼ିଆ ମଣ୍ଡଳର ଭାଜପା ଯୁବ ନେତା ଥିଲେ । ସୂଚନା ମୁତାବକ, ବସ୍ ଟି ଶୁକ୍ରବାର ରାତିରେ ମାଲକାନଗିରି ଜିଲ୍ଲାର ବିଜିନ୍ ଅଂଚଳରୁ ପ୍ରାୟ ୩୦ ରୋଗୀଙ୍କୁ ବିଶାଖାପାଟଣା ସ୍ଥିତ ଅନିଲ ନିରୁକୋଣ୍ଡା ହସ୍ପିଟାଲରେ ଚିକିତ୍ସା ପାଇଁ ନେଇ ଯାଉଥିଲା । ରାସ୍ତାରେ ଯାଉଥିବା ବେଳେ ସାମ୍ନାରେ ଏକ ଟ୍ରକ୍ ଖରାପ ହୋଇ ଛିଡା ହୋଇଥିଲା । କୁହୁଡି ଯୋଗୁଁ ବସ୍ ଚାଳକ ଟ୍ରକ୍ କୁ ଦେଖି ପାରି ନଥିଲେ । ଫଳରେ ବସ୍ ଟି ଉକ୍ତ ଟ୍ରକ୍ କୁ ଧକ୍କା ଦେଇଥିଲା । ଦୁର୍ଘଟଣା ଘଟିବା ଫଳରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ବେଳେ ସୁବ୍ରତ ରାୟ ନାମକ ବ୍ୟକ୍ତି ଏବଂ ତାଙ୍କ ସାନ ଝିଅ ପ୍ରାଣ ହରାଇଥିଲେ । ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।




ଭୁବନେଶ୍ୱର : ବୁଦ୍ଧ ମନ୍ଦିର ପରିସରରେ ୧୧୪ତମ ନେତାଜୀ ଉତ୍ସବ ପାଳନ ଅବସରରେ ଉପସ୍ଥିତ ଅଛନ୍ତି ବରିଷ୍ଠ ରାଜନେତା ବିଜୟ ମହାପାତ୍ର, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଏବଂ ଅନ୍ୟମାନେ । (ଫଟୋ : ସମ୍ବାଦ କଳିକା)

# ଫେବୃୟାରୀ ୧୪ ରୁ ୧୬ ପର୍ଯ୍ୟନ୍ତ ମତ୍ସ୍ୟ-ପ୍ରାଣୀ ସମାବେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶା-୨୦୨୫ ଆୟୋଜନ ନିମନ୍ତେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପ୍ରାଣିଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ପ୍ରସ୍ତୁତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏହି ସମାବେଶର ଉପଯୋଗିତାକୁ ତୃଣମୂଳ ସ୍ତରରେ ପହଂଚାଇ ଏହାକୁ ସଫଳ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ରାଜ୍ୟସ୍ତରୀୟ ସମାବେଶ ଚଳିତବର୍ଷ ଫେବୃଆରୀ ୧୪ ରୁ ୧୬ ତିନି ଦିନ ଧରି ଭୁବନେଶ୍ୱର ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ ଆୟୋଜନ କରାଯିବ । ରାଜ୍ୟର ସମସ୍ତ ବ୍ଲକରୁ ଗୋପାଳକ, ପ୍ରାଣିପାଳକ ଓ ମତ୍ସ୍ୟଚାଷୀମାନେ ଏହି ସମାବେଶରେ ଯୋଗ ଦେବେ । ପ୍ରାୟ ୧୦ ହଜାରରୁ ଅଧିକ ଚାଷୀ ଏହି ସମାବେଶରେ ଯୋଗ ଦେବା ପାଇଁ ଆୟୋଜନ ହେଉଥିବା ବେଳେ ପାଖାପାଖି ଏକ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହେବ ବୋଲି ଆଶା କରାଯାଇଛି । ରାଜ୍ୟର ପ୍ରତ୍ୟେକ ଉପଖଣ୍ଡରୁ ୬ ଜଣ ସଫଳ ପ୍ରାଣିପାଳକ ଓ ମତ୍ସ୍ୟଚାଷୀଙ୍କୁ ଏହି ସମାବେଶରେ ସମ୍ବର୍ଦ୍ଧିତ କରାଯିବ । ଏହା ରାଜ୍ୟର ଅନ୍ୟ ଚାଷୀଙ୍କୁ ପ୍ରେରଣା ପ୍ରଦାନ କରିବ ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ । ସମାବେଶରେ ସାଧାରଣ ସଭା, କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର, ଷ୍ଟଲ ପ୍ରଦର୍ଶନୀ, ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ପ୍ରଦର୍ଶନୀ, ଡଗ୍ ଶୋ, ଘୋଡ଼ା ଶୋ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହା ରାଜ୍ୟର ମତ୍ସ୍ୟଚାଷୀ, ଗୋପାଳକ ଓ ପ୍ରାଣିପାଳକଙ୍କୁ ନୂତନ ଜ୍ଞାନ ପ୍ରଦାନ କରିବା ସହ ସେମାନଙ୍କ ପାଇଁ ଆଲୋକବର୍ତ୍ତିକା ସାଜିବ ବୋଲି ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ । ଏହି ଅବସରରେ ମତ୍ସ୍ୟ ନିର୍ଦ୍ଦେଶାଳୟ ଏବଂ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ ମନ୍ତ୍ରୀ । ବିଭିନ୍ନ ଯୋଜନାରେ ଶତ ପ୍ରତିଶତ ସଫଳତା ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ମତ୍ସ୍ୟ ନିର୍ଦ୍ଦେଶକ ସାଦିକ ଆଲାମ, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ବିଜେଡ଼ିରେ ମିଶିଲେ ହିଞ୍ଜିଳି ବ୍ଲକର ଶତାଧିକ କର୍ମୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବୁରୁପଡ଼ା ସରପଞ୍ଚ ଶ୍ରୀମତୀ ସନ୍ତୋଷିନୀ ବେହେରାଙ୍କ ସହ ନାଏବ ସରପଞ୍ଚ, ୱାର୍ଡ଼ମେମ୍ବର ଓ ଶତାଧିକ ବିଜେପି କର୍ମୀ ଶନିବାର ଶଙ୍ଖଭବନ ଠାରେ ବିଜୁ ଜନତା ଦଳର କ୍ରିୟାନ୍ୱୟନ ଓ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ମିଶ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସରପଞ୍ଚ ଶ୍ରୀମତୀ ସନ୍ତୋଷିନୀ ବେହେରା ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ବିଗତ ୭ ମାସ ହେଲା ବିଜେପି ପଞ୍ଚାୟତ ସ୍ତରରେ କିଛି ଉନ୍ନତିମୂଳକ କାର୍ଯ୍ୟ କରୁନାହାନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାବାସୀଙ୍କ ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଇ ଶନିବାର ନବୀନ ନିବାସରେ ବିଜେଡି ସୁପ୍ରିମୋଙ୍କ ସହ ଦେଖା କଲୁ । ବିଜୁ ଜନତା ଦଳରେ ସାମିଲ ହୋଇ ଆମେ ବହୁତ ଖୁସି ଅନୁଭବ କରୁଛୁ । ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ନାଏବ ସରପଞ୍ଚ ରଞ୍ଜନ ସ୍ୱାଇଁ, ୱାର୍ଡ଼ମେମ୍ବର ସର୍ବଶ୍ରୀ ପୁନମ ପାଲୋ, ଉମାରାଣୀ ପୋଲାଇ, ଜୟନ୍ତୀ ସାହୁ, ଅଭିମନ୍ୟୁ ଖାଟୋଇ, ଶରତ ଚନ୍ଦ୍ର ପଣ୍ଡା, ରିଙ୍କି ମୁନି, ଜଣେଶ ସେଠୀ, ପାଣ୍ଡି ପ୍ରଧାନ, ନିର୍ମଳ ବେହେରା ପ୍ରମୁଖ ବିଜେଡ଼ିରେ ସାମିଲ୍ ହୋଇ କହିଥିଲେ ଯେ, ଆମେ ବିଜୁ ଜନତା ଦଳରେ ସାମିଲ ହୋଇଥିବାରୁ ବହୁତ ଖୁସି । ଏହି ମିଶ୍ରଣ ପର୍ବରେ ବିଜୁ ଜନତା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ଶ୍ରୀ ସଞ୍ଜୟ ଦାସବର୍ମା, ସଭ୍ୟ ସଂଗ୍ରହ ଅଭିଯାନ ଆବାହକ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ମିଡ଼ିଆ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି, ମିଡ଼ିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଲେ ପୃଥ୍ୱୀରାଜ ହରିଚନ୍ଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶନିବାର ଗଞ୍ଜାମ ସ୍ଥିତ ସୋନାପୁର ଇକୋ ରିଟ୍ରିଟ ଠାରେ ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ ବରିଷ୍ଠ ଅଧିକାରୀମାନଙ୍କ ଦିଗଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ଅବସରରେ ଅବକାରୀ ବିଭାଗକୁ ଚଳଚଞ୍ଚଳ ଓ ସଂପୂର୍ଣ୍ଣ କ୍ରିୟାନ୍ୱୟନ କରିବା ଦିଗରେ ଉଦ୍‌ବୋଧନ ଦେଇଛନ୍ତି ମନ୍ତ୍ରୀ । ସେ କହିଛନ୍ତି ଯେ, ଓଡ଼ିଶାରେ ବେଆଇନ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଆଦିର ଚୋରା ଚାଲାଣକୁ ସଂପୂର୍ଣ୍ଣ ରୂପେ ରୋକିବା ଦିଗରେ ଅବକାରୀ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିୟମିତ ଭାବରେ ଚଢଉ କରି ବେଆଇନ ସାମଗ୍ରୀ ମାନ ଜବତ କରୁଛି । ଓଡ଼ିଶାର ପ୍ରତି ଜିଲ୍ଲାରେ ଅବକାରୀ ବିଭାଗ ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯିବା ପ୍ରକ୍ରିୟା ଆରମ୍ଭ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଅବକାରୀ ବିଭାଗର କମିଶନର ତଥା ସଚିବ ଗୁହା ପୁନମ ତାପସ କୁମାର, କମିଶନର ନରସିଂହ ଭୋଳ, ଏନସିବି ଅଧିକ୍ଷକ ସମୀରରଞ୍ଜନ ପାଉଳ, ଆନ୍ଧ୍ରପ୍ରଦେଶର କୁର୍ଣ୍ଣୋଲ ଜିଲ୍ଲାର ଡେ଼ପୁଟି କମିଶନର ଶ୍ରୀମତୀ ପି.ଶ୍ରୀଦେବୀଙ୍କ ସମେତ ଅବକାରୀ ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।




ଭୁବନେଶ୍ୱର : ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଓ ଶିକ୍ଷାପ୍ରଦାନ ପ୍ରଣାଳୀରେ ଉତ୍କର୍ଷତା ଲାଭ କରିଥିବା ମଞ୍ଚେଶ୍ୱର ସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟ ପକ୍ଷରୁ ପୂର୍ବତନ ବରିଷ୍ଠ ଶିକ୍ଷୟିତ୍ରୀ ଅଜନ୍ତା ପାଲ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି । ଶ୍ରୀମତୀ ପାଲ୍ ୟୁନିଟ୍-୯ ସ୍ଥିତ ୧ ନମ୍ବର କେନ୍ଦ୍ରିୟ ବିଦ୍ୟାଳୟରେ ମଧ୍ୟ ଦୀର୍ଘ ବର୍ଷ ଧରି ଶିକ୍ଷାଦାନ କରିଥିଲେ । (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହିତାଧିକାରୀଙ୍କୁ ...

ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ସ୍ୱାମୀତ୍ୱ ଯୋଜନାରେ ପ୍ରଧାନମନ୍ତ୍ରୀ ସମ୍ପତ୍ତି କାର୍ଡ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼, ହିମାଚଳପ୍ରଦେଶ, ମିଜୋରାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ ଓ କାଶ୍ମୀର, ଲଦାଖରେ ଆଭାସୀ ମାଧ୍ୟମରେ ବଣ୍ଟନ କରାଯାଇଛି । ପ୍ରଧାନମନ୍ତ୍ରୀ ରାୟଗଡ଼ା ଜିଲ୍ଲା ସଦରମହକୁମା ବ୍ଲକର କୁମୁଟାଲପେଟାର ଗଜେନ୍ଦ୍ର ସଙ୍ଗୀତାଙ୍କ ସହ ବାର୍ତ୍ତାଳାପ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ ଆପ୍ପଲାସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକକା, ଜିଲ୍ଲାପାଳ ପାରୁଲ ପଟୱାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ କରକମଳରେ ସ୍ୱାମୀତ୍ୱ ଯୋଜନା ଅଧିନରେ ହିତାଧିକାରୀଙ୍କୁ ସମ୍ପତ୍ତି କାର୍ଡର ଇ-ବିତରଣ କରାଯାଇଛି । ଦେଶର ୫୦,୦୦୦ରୁ ଅଧିକ ଗ୍ରାମର ମୋଟ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରକୁ ଏହି କାର୍ଡ ପ୍ରଦାନ କରାଯାଇଛି । ଏହି ଅବସରରେ ରାୟଗଡ଼ାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବା ସହ ମୁଖ୍ୟମନ୍ତ୍ରୀ ସମ୍ପତ୍ତି କାର୍ଡ ବଣ୍ଟନ ପରେ ୧୪ ଜଣ ହିତାଧିକାରୀମାନଙ୍କ ସହ ଫଟୋ ଉଠାଇଥିଲେ । ଜିଲ୍ଲାପାଳ ପାରୁଲ ପଟୱାରୀ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ପ୍ରମୁଖ ଦୁଇ ବିଧାୟକଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । ବିଦିଶା ଶତପଥି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଆରକ୍ଷୀ ଅଧୀକ୍ଷକ ସ୍ୱାଥୀ ଏସ କୁମାରଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ପ୍ରଶାସନ କିଣୁନି ...

୭ତାରିଖରେ ମଣ୍ଡି ଉଦ୍‌ଘାଟନ ହୋଇଥିଲା । ମଣ୍ଡି ଖୋଲିବାରେ ପ୍ରାୟ ଦେଢ ମାସର ବିଳମ୍ବ ଯୋଗୁ ଚାଷୀମାନେ ନିଜ ଅମଳ ଧାନକୁ କ୍ଷେତରେ ପକାଇ ରଖିଥିବାରୁ ଧାନ ଅଦିନିଆ ବର୍ଷା ମାଡରେ ଭିଜି ନଷ୍ଟ ହୋଇଯାଇଥିଲା । ବର୍ତ୍ତମାନ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଧାନ କିଣାଯାଉନାହିଁ । ଏହାର ପ୍ରତିବାଦରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ସାତମାଇଲ ଛକରେ ଚାଷୀ ରାସ୍ତାରୋକ କରିଥିଲେ । ଫଳରେ ପାରଳାଖେମୁଣ୍ଡି- ମୋହନା ରାସ୍ତାରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ସାଧାରଣଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଘଟଣାସ୍ଥଳରେ ଜିଲ୍ଲା ଯୋଗାଣ ଅଧିକାରୀ ପହଞ୍ଚିବା ପରେ ତାଙ୍କୁ ମଧ୍ୟ ଚାଷୀମାନେ ଅଟକ ରଖିଥିଲେ । ଏହାପରେ ପ୍ରଶାସନ ପକ୍ଷରୁ ପାରଳାଖେମୁଣ୍ଡି ତହସିଲଦାର ଓ ଗୁରାଣ୍ଡି ଥାନା ପୁଲିସ ପହଞ୍ଚି ଆଲୋଚନା କରିବା ସହ ୩ଦିନ ମଧ୍ୟରେ ସେମାନଙ୍କ ଧାନ କିଣାଯିବା ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଅଧିକାଂଶ ସ୍ଥାନରେ ମଣ୍ଡି ଖୋଲୁନାହିଁ । ଯେଉଁ କେତେକ ସ୍ଥାନରେ ମଣ୍ଡି ଖୋଲିଛି ସେଠାରେ ଧାନ କିଣା ନଯାଇ ମିଲରଙ୍କ ପାଖକୁ ପଠାଯାଉଛି । ମିଲରମାନେ ବିଭିନ୍ନ ବାହାନା ଦେଖାଇ ଧାନ କିଣୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଉପସ୍ଥିତ କିଛି ଚାଷୀଙ୍କ ସହ ଆଲୋଚନା ବେଳେ ସେମାନେ କହିଥିଲେ କି ଅଦିନିଆ ବର୍ଷାରେ ଆମର ଫସଲ ନଷ୍ଟ ହୋଇଥିବା ବେଳେ ଏବେ ପ୍ରଶାସନିକ ଅବହେଳା ଆମକୁ ଅଧିକ କନ୍ଦାଉଛି । କେବଳ ଯେ, ୩୧୦୦ ଟଙ୍କା ଦେଇ ଦେଲେ ଚାଷୀ ସନ୍ତୁଷ୍ଟ ହେବେ ନାହିଁ ବରଂ ସେମାନଙ୍କ ଧାନକୁ ସମାନ ସମୟରେ ଗ୍ରହଣ କରିବା ଏବଂ ଚାଷୀଙ୍କର କଷ୍ଟର ମୂଲ୍ୟ ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ । ଜାନୁଆରୀ ମାସର ଅଧାରୁ ଅଧିକ ଦିନ ବିତିସାରିଥିଲେ ମଧ୍ୟ ଆଜି ଯାଏଁ ଧାନ ବିକ୍ରି କରି ନପାରିବା ଚାଷୀଙ୍କୁ ଆନ୍ଦୋଳନ କରିବାକୁ ବାଧ୍ୟ କରିଛି ବୋଲି ସେମାନେ କହିଛନ୍ତି । ଏନେଇ ଜିଲ୍ଲା ଯୋଗାଣ ଅଧିକାରୀ କହଛନ୍ତି ଯେ, ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଜାରିରହିଛି । ଗୋଷାଣୀ ବ୍ଲକରେ କିଛି ସମସ୍ୟା ରହିଛି । ଗୋଷାଣୀ ବ୍ଲକରେ ୨୫ଟି ମଣ୍ଡି ଖୋଲିବା କଥା, କିନ୍ତୁ ବର୍ତ୍ତମାନ ସୁଦ୍ଧା ୧୦ଟି ମଣ୍ଡି ହିଁ ଖୋଲା ଯାଇପାରିଛି । ତେଣୁ ସମସ୍ୟା ଦେଖାଦେଇଛି । ଯେଉଁଥି ପାଇଁ ଚାଷୀମାନେ ଶନିବାର ଆନ୍ଦୋଳନ କରିଥିଲେ । ତେବେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଅତିଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ । ଏପରିକି ଆସନ୍ତା ୩ଦିନ ମଧ୍ୟରେ ଚାଷୀଙ୍କ ସମସ୍ତ ଧାନ କିଣାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ସେ କହିଛନ୍ତି ।

## ଗାଡ଼ି ବୀମା...

ମଧ୍ୟ କାର୍ଯ୍ୟକାରୀ କରାଯାଇ ପାରେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଜାରି କରାଯାଇଛି । ସୂଚନାଯୋଗ୍ୟ, ପୂର୍ବରୁ ଟୋଲ୍‌ଗେଟ୍‌ରେ ପରମିଟ୍, ଫିଟନେସ ଏବଂ ଟିକସ ଧରା ଯାଉଥିଲା । ଏବେ ସେଥିରେ ବୀମାକୁ ଯୋଡ଼ା ଯାଇଛି ।

## ତେଜସ୍ୱୀ ଯାଦବ...

ଅନୁପସ୍ଥିତି ଦଳରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ଏହି ଦୁଇ ନେତାଙ୍କ ପକ୍ଷରୁ କୌଣସି ବୟାନ ଦିଆଯାଇନାହିଁ । ଚଳିତ ବର୍ଷ ଶେଷ ଆଡ଼କୁ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଜସ୍ୱୀଙ୍କୁ ନିଜ ଚେହେରା କହି ଆରଜେଡି ଏକ ବଡ଼ ବାଜି ଲଗାଇଛି ବୋଲି କୁହାଯାଉଛି । ପୂର୍ବରୁ ନିର୍ବାଚନରେ ଲାଲୁ ଯାଦବଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । କାରଣ ଦଳର ସୁପ୍ରିମୋ ସେଠାରେ ଥିଲେ, କିନ୍ତୁ ବର୍ତ୍ତମାନ ତେଜସ୍ୱୀ ଯାଦବ ମଧ୍ୟ ବଡ଼ ନିଷ୍ପତ୍ତି ନେବାକୁ ସକ୍ଷମ ହେବେ ।

## ରାଜଭବନ ଛକରେ ...

ଆସୁଥିଲା । ଉଭୟ ଗାଡ଼ି ମଧ୍ୟରେ ଦୁର୍ଘଟଣା ଘଟିଥିଲା । ପରେ ଅନ୍ୟ ଏକ ବାଇକ୍(ଏଜି ଛକରୁ) ଆସୁଥିବା କାରଟି ଧକ୍କା ଦେଇଥିଲା । ତେବେ କାର ଚାଳକଜଣଙ୍କ ମଦ୍ୟପାନ କରିଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଆଲୋଚନା ହେଉଛି ।

## ନକ୍ସଲ ସୁଡଙ୍ଗ...

ତିଆରି କରିବା ପାଇଁ ମେସିନ, ବିଦ୍ୟୁତ ତାର ସହ ବହୁ ବୋତଲ ବୋମା ପଡି ରହିଥିଲା । ମାଟି ତଳେ ବହୁ ପରିମାଣର ବିଦ୍ୟୁତ ତାର ଦେଖି ଯବାନ ଆଶ୍ଚର୍ଯ୍ୟ ହୋଇଥିଲେ । ନକ୍ସଲ କିପରି ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ସୁଡଙ୍ଗ ତିଆରି କରିବା ସହ ଏତେ ବଡ଼ ବନ୍ଧୁକ କାରଖାନା କରିଥିଲେ ଯାହାକୁ ଯବାନ ଠାବ କରି ନକ୍ସଲଙ୍କର ଅଣ୍ଟା ଭାଙ୍ଗି ଦେଇଛନ୍ତି । ଏହି ସୁଡଙ୍ଗ ଠାବ ପରେ ନକ୍ସଲଙ୍କୁ ଆଉ ବନ୍ଧୁକ ଏବଂ ବୋମା ମିଳିବା କଷ୍ଟକର ହୋଇପଡିବ । ଯବାନ ଏବେ ଆବୁଝମାଡ ଜଙ୍ଗଲକୁ ତନ୍ନତନ୍ନ କରି ସର୍ଚ୍ଚ କରୁଛନ୍ତି । ଜଙ୍ଗଲରେ ନକ୍ସଲଙ୍କର ଏଭଳି ସୁଡଙ୍ଗକୁ ଠାବ କରି ତାକୁ ଧ୍ୱଂସ କରୁଛନ୍ତି । ତେବେ ଏହି ଅପରେସନରେ ଦୁଇଟି ବଡ଼ ସଫଳତା ଯବାନଙ୍କୁ ମିଳିବା ପରେ ସେମାନଙ୍କର ମନୋବଳ ବଢିଥିବା ପୁଲିସ କହିଛି ।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା, ଆବେଦନ ୨୨କୁ ଘୁଞ୍ଚିଲା

**କଟକ, ନ୍ୟୁଜ ବ୍ୟୁରୋ**

ପ୍ରାଥମିକ ଓ ହାଇସ୍କୁଲ୍ ସ୍ତରରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା (ପିଏମ୍‌ଏସ୍‌ଟି)-୨୦୨୪ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆବେଦନ ଶେଷ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ଆବେଦନର ସମୟ ସୀମା ଧାର୍ଯ୍ୟ କରାଯାଇଥିବା ବେଳେ ବୋର୍ଡ ପକ୍ଷରୁ ଜାନୁଆରୀ ୨୨ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ବୋଲି ବୋର୍ଡ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି । ଏହି ପରୀକ୍ଷାରେ ଷଷ୍ଠ ଓ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ହିଁ କେବଳ ଭାଗ ନେଇପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କର ଆବେଦନ ବ୍ଲକ୍ ଶିକ୍ଷାଧିକାରୀଙ୍କ ଜରିଆରେ କରାଯିବ । ସେହିପରି ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ଆବେଦନ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଦ୍ୱାରା କରାଯିବା ଲାଗି ବୋର୍ଡ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଅନ୍‌ଲାଇନ୍‌ରେ ହେବାକୁ ଥିବା ଏହି ଆବେଦନ କିମ୍ବା ପରୀକ୍ଷା ଲାଗି ଛାତ୍ରଛାତ୍ରୀଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଫର୍ମ ପୂରଣ ଶେଷ ହେବା ପରେ ପରୀକ୍ଷା ସମୟ ନିର୍ଘଣ୍ଟ ସମ୍ପର୍କରେ ଖୁବ୍ ଶୀଘ୍ର ଅବଗତ କରାଇ ଦିଆଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

**AFFIDAVIT**

I, Archana Dey, D/O Mr. Sadhan Kumar Dey residing at Plot No.89P/1451, Acharya Vihar, PS-Saheed Nagar, Dist.-Khordha, Bhubaneswar- 751013 (Odisha), hereby declare that I have changed my son's name from Ayaansh Bhowmick to **Ayaansh Dash** through an affidavit sworn before Executive Magistrate, Bhubaneswar on 27.12.2024. Henceforth, my son shall be known as **Ayaansh Dash** for all official and legal purposes.

(ARCHANA DEY)
Dated 19/01/2025
Bhubaneswar

**AFFIDAVIT**

I, Archana Dey, D/O Mr. Sadhan Kumar Dey residing at Plot No.89P/1451, Acharya Vihar, PS-Saheed Nagar, Dist.-Khordha, Bhubaneswar-751013 (Odisha), hereby declare that I have changed my daughter's name from Samridha Bhowmick to **Samridha Sharanya** through an affidavit sworn before Executive Magistrate, Bhubaneswar on 27.12.2024. Henceforth, my daughter shall be known as **Samridha Sharanya** for all official and legal purposes.

(ARCHANA DEY)
Dated 19/01/2025
Bhubaneswar

# କୁମ୍ଭୀର ଗଣନା ପାଇଁ ସରିଲା ପ୍ରଶିକ୍ଷଣ, ୪ ରେଂଜ୍‌ରେ ଗଣନା କରିବେ ୨୨ ଟିମ୍

**ରାଜନଗର, ନ୍ୟୁଜ ବ୍ୟୁରୋ**

ରାଜନଗର ବନଖଣ୍ଡର ୪ଟି ରେଂଜ୍‌ରେ କୁମ୍ଭୀର ଗଣନା ପାଇଁ ପ୍ରଶିକ୍ଷଣ ଶେଷ ହୋଇଛି । ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିନିକିଆ ପ୍ରଶିକ୍ଷଣ ଶିବିରରେ ରାଜ୍ୟ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରୁ ଆସିଥିବା ସିସିଏଫ୍ ସମ୍ୟକ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ପ୍ରାଣୀ ବିଜ୍ଞାନୀ ତଥା କୁମ୍ଭୀର ବିଶାରଦ ଡ. ସୁଧାକର କର ଓ ବିଶିଷ୍ଟ ପ୍ରାଣୀ ବିଜ୍ଞାନୀ ଡ. ଶିବ ପ୍ରସାଦ ପରିଡ଼ା ଏହି ଶିବିରରେ ଯୋଗଦେଇ ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଅନ୍ୟ ବନ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ସହକାରୀ ବନ ସଂରକ୍ଷକ ପୁନମହୀରା ହାଁସଦା, ଗଗନ ବିହାରୀ ମଲ୍ଲିକ, ଭଦ୍ରକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସୁମିତି ମହାନ୍ତି ଉପସ୍ଥିତ ଥିଲେ । ଗବେଷକ ପ୍ରସନ୍ନ ନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସହକାରୀ ବନ ସଂରକ୍ଷକ ମାନସ ଦାସଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । କୁମ୍ଭୀର ଗଣନା ପାଇଁ ରାଜନଗର ବନଖଣ୍ଡର ୪ଟି ରେଂଜ୍‌ରେ ୨୨ଟି ଦଳ ଗଣନା କରିବେ । ୧୯ ତାରିଖଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି ଗଣନା କରାଯିବ । କନିକା ରେଂଜ୍ ପାଇଁ ୧୧ଟି ଦଳ, ରାଜନଗର ରେଂଜ୍ ପାଇଁ ୭ଟି ଦଳ, ଗହୀରମଥା ରେଂଜ୍ ପାଇଁ ୨ଟି ଦଳ ଓ ମହାକାଳପଡା ରେଂଜ୍ ପାଇଁ ୨ଟି ଦଳ ଗଠନ କରାଯାଇଛି ।

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
E-mail ID: cebuildings_orissa@yahoo.co.in, cebuildings@rediffmail.com Tel. -(0674)- 2391523

File No-B-II-G.A.-(S.P)-11/2023 Lr. No.- 2427 / Bhubaneswar 17th Jan., 2025
B-855

**Invitation for Bids**

Bid Identification No. C.E. (B) - 28 / 2024-25

| | | | |
|---|---|---|---|
| 1. | The Chief Engineer, Buildings-I (I/C), Odisha on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for the infrastructure works detailed in the table below on turnkey basis (i.e. Architectural planning with detailed design, vetting& execution). | | |
| 2. | Nature of work | : | Construction of 60 Seated Executive Hostels in Gopabandhu Academy of Administration, Bhubaneswar on Turnkey Basis. |
| 3. | No. of work | : | 01 No. |
| 4. | Bid Cost. | : | ₹10,000/- |
| 5. | Class of Contractor | : | Super Class |
| 6. | Availability of Bid Documents in the website | : | From dt.24.01.2025 to 05.30 PM of dt.15.02.2025 |
| 7. | Pre –bid meeting | : | Dt,05.02.2025 at 11.30 AM |
| 8. | Last date of online submission of bid | : | Dt.15.02.20255 up to 5:30 PM |
| 9. | Last dt. Of Submission of hardcopy (Cover-III). | : | Dt.24.02.2025 up to 5:30 PM |
| 10. | Date of Opening of Bid | : | Dt.25.02.2025 at 11:30 AM. |
| 11. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Chief Engineer, Buildings-I (I/C,)
Odisha, Bhubaneswar
OIPR-34117/11/0058/2425

**NOTICE INVITING TENDER** CAD-2222
**Office of District Manager,**
**Odisha State Civil Supplies Corporation Ltd. (OSCSC)**
**Mayurbhanj (District)**
**E-mail: cso-may@nic.in & csomayurbhanj@gmail.com**
**Phone: 06792- 252648**

TENDER NO. 197 dated 17.01.2025 for Selection and appointment of Level-I Transport Contractor for transportation of wheat from Food Storage Depot(FSD),FCI to Rice Receiving Centers in Mayurbhanj District.
Cost of Tender Document:- Rs.11,800/- Inclusive of GST.
District Manager, Odisha State Civil Supplies Corporation Ltd., Mayurbhanj invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the works | Selection and appointment of (i) **Level-I Transport Contractor** for transportation of Wheat from FSD, FCI to RRCs in Mayurbhanj district of the State of Odisha. |
| 2 | Availability of tender documents in the portal. | From Date **20.01.2025** Downloadable from website: www.oscsc.in, www.foododisha.in & www.tendersodisha.gov.in |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in Up to **5:00 PM** of date **29.01.2025** |
| 4 | Date, time and venue for opening of Technical Bid by the Tender Committee | On dt. **30.01.2025 at 4:00 PM**, at Office Chamber of ADM(Gen.), Mayurbhanj. |
| 5 | Name and address of the Officer Inviting Tender. | District Manager, OSCSC Ltd, Mayurbhanj. |

Tender Documents & other details can be seen from e-procurement portal www.oscsc.in , www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

OIPR-07046/11/0003/2425
District Manager,
OSCSC Ltd, Mayurbhanj

# ଜିଆଇ ଟ୍ୟାଗ୍‌ର ଲାଭ ପାଇବେ ତାରକସି କାରିଗର

**କଟକ, ନ୍ୟୁଜ ବ୍ୟୁରୋ**

କଟକ ରୁପା ତାରକସିକୁ ଜିଆଇ ମାନ୍ୟତା ମିଳିବା ପରେ କାରିଗର, ବିକ୍ରେତା ଏବଂ ଉତ୍ପାଦକ ଗୋଷ୍ଠୀ କ'ଣ ଲାଭ ପାଇବେ ତାକୁ ନେଇ ଗତ କିଛି ମାସ ଧରି ଚର୍ଚ୍ଚା ଲାଗି ରହିଥିଲା । ଏବେ ଏ ଚିତ୍ର ଏକପ୍ରକାର ସ୍ପଷ୍ଟ ହୋଇଛି । ରୁପା ତାରକସି ସହ ଜଡ଼ିତ ଥିବା କାରିଗରମାନେ ଏଣିକି ବ୍ୟକ୍ତିଗତ ଭାବେ ଜିଆଇ ମାନ୍ୟତାର ଲାଭ ପାଇପାରିବେ । କାରିଗର, ବିକେତ୍ରା ଓ ଉତ୍ପାଦନକାରୀ ଗୋଷ୍ଠୀଙ୍କୁ ଜିଆଇ ପ୍ରମାଣପତ୍ର ଦିଆଯିବ । ଏନେଇ ମଧ୍ୟମ, କ୍ଷୁଦ୍ର, ଅଣୁ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି । ସେହିକ୍ରମରେ କଟକର ୪୨ଜଣ କାରିଗର, ବିକ୍ରେତା ଜିଆଇ ପ୍ରମାଣପତ୍ର ପାଇଁ ଆବେଦନ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଥମଥର କୌଣସି ଜିଆଇ ମାନ୍ୟତାପ୍ରାପ୍ତ ଦ୍ରବ୍ୟର ଲାଭ ତୃଣମୂଳ ସ୍ତରରେ କାରିଗରଙ୍କୁ ସିଧାସଳଖ ପ୍ରମାଣପତ୍ର ଆଧାରରେ ମିଳିବାକୁ ଯାଉଛି । ଯାହାଫଳରେ କଟକର ଅସଲି ରୁପା ତାରକସିର ଆଦୃତି ଆହୁରି ବଢ଼ିବ ବୋଲି ଆଶା କରାଯାଉଛି । ଏମ୍‌ଏସ୍‌ଏମ୍‌ଇ ବିଭାଗ ତରଫରୁ 'ଜିଆଇ ଅଥରାଇଜଡ୍ ୟୁଜର୍ସ ଡ୍ରାଇଭ୍' ଆୟୋଜନ କରାଯାଇଥିଲା । ଏଥିରେ ରୁପା ତାରକସି ସହ ଜଡ଼ିତ ଥିବା କାରିଗର, ବିକ୍ରେତା, ଉତ୍ପାଦନକାରୀ ଅଂଶଗ୍ରହଣ କରିଥିଲେ । ଆଧାରକାର୍ଡ, ଉଦ୍ୟମ ପ୍ରମାଣପତ୍ର, ସ୍କିଲ୍ ଇଣ୍ଡିଆ ପ୍ରମାଣପତ୍ର, କାରିଗର କାର୍ଡ ଆଦି ଦାଖଲ କରିବା ପରେ ସେମାନଙ୍କ ନାମ ପଞ୍ଜିକରଣ କରାଯାଇଛି । ସୂଚନା ଥାଉ କି, ଜିଆଇ ମାନ୍ୟତାର ପ୍ରକ୍ରିୟା ଅନୁସାରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ ୟୁନିଟ୍ 'ଉତ୍କଳିକା' ଆବେଦନକାରୀ ଭାବେ କଟକ ରୁପା ତାରକସିର ଜିଆଇ ଟ୍ୟାଗ୍ ହାସଲ କରିଛି । ଏବେ କାରିଗର, ବିକ୍ରେତାମାନେ ଜିଆଇର 'ପାର୍ଟ-ବି ସାର୍ଟିଫିକେଟ୍' ପାଇଁ ଆବେଦନ କରୁଛନ୍ତି । ଏଥିଲାଗି ଉତ୍କଳିକା ତରଫରୁ ମଧ୍ୟ ଏନ୍‌ଓସି (ଆପତ୍ତିବିହୀନ ପ୍ରମାଣପତ୍ର) ପ୍ରଦାନ କରାଯିବ । ଏନ୍‌ଓସି ପ୍ରକ୍ରିୟା ଶେଷ ହେଲେ ବ୍ୟକ୍ତିଗତ ପ୍ରମାଣପତ୍ର ଅର୍ଥାତ୍ ଜିଆଇ ଅଥରାଇଜଡ୍ ୟୁଜର୍ସ ପ୍ରମାଣପତ୍ର ପାଇବାକୁ କାରିଗର, ବିକ୍ରେତା ଗୋଷ୍ଠୀଙ୍କୁ ପ୍ରାୟ ୪ମାସ ସମୟ ଲାଗିବ ବୋଲି କୁହାଯାଉଛି । ପ୍ରଥମଥର ପାଇଁ କୌଣସି ଜିଆଇ ମାନ୍ୟତାପ୍ରାପ୍ତ ଦ୍ରବ୍ୟର ତୃଣମୂଳ ସ୍ତରରେ ଲାଭ ଦେବାକୁ ଏଭଳି ଅଭିଯାନ ଆରମ୍ଭ ହୋଇଛି । ଜିଆଇ ୟୁଜର୍ସ ପ୍ରମାଣପତ୍ର ପାଇଲେ କାରିଗରମାନେ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ ଓ ପ୍ରୋତ୍ସାହନ ପାଇବେ । ରୁପା ତାରକସି ନାଁରେ ଓଡ଼ିଶା ବଜାରରେ ପ୍ରବେଶ କରିଥିବା ନକଲି ରୁପାକସି ବିଶେଷ କରି କଲିକତା ଫ୍ୟାନ୍ସି ରୁପା ଦ୍ରବ୍ୟ ଉପରେ ରୋକ୍ ଲାଗିପାରିବ । ପର୍ଯ୍ୟଟକମାନେ ୟୁଜର୍ସ ପ୍ରମାଣପତ୍ରଧାରୀଙ୍କ ସମ୍ପର୍କରେ ଜାଣି ସେମାନଙ୍କଠାରୁ ଅସଲି ସାମଗ୍ରୀ କିଣିବାକୁ ସୁଯୋଗ ପାଇବେ ।

RNI Regd. No. : 52640/94
Postal Regd. No. :
BN/60/25-27

ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ନୌଚାଳନା ପ୍ରତିଯୋଗିତାରେ ଜାପାନର ନୌକା ଏକ ମାଇଲ ଆଗରେ ଥାଇ ବିଜୟୀ ହେଲା। ଏହାର କାରଣ ଖୋଜିବା ପାଇଁ ଭାରତୀୟ ଅଫିସରମାନେ ଗୋଟିଏ କମିଟି ଗଠନ କଲେ। କମିଟିର ସଭ୍ୟମାନେ



## ରସିକେଷୁ...

ନୌଚାଳନା ପ୍ରତିଯୋଗିତାକୁ ଅନୁଧ୍ୟାନ କରିବା ପରେ କହିଲେ ଯେ, ଜାପାନୀ ନୌକାରେ ଆଠଜଣ ଆହୁଲା ମାରୁଥିବା ବେଳେ ଜଣେ ମଙ୍ଗ ଧରିଥିଲେ। ତେଣୁ ସେମାନେ ଏକ ମାଇଲ ପଛରେ ଥାଇ ହାରିଗଲେ। ବର୍ଷେ ଯାଏଁ ଏଥିନେଇ ପରୀକ୍ଷା ନିରୀକ୍ଷା ଚାଲିଲା। ପୁଣି କିଛି ସରକାରୀ ଅଫିସରଙ୍କୁ ନେଇ ଟାସ୍କଫୋର୍ସଟିଏ ଗଠନ କରାଗଲା। କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା ସେଥିପାଇଁ। ଶେଷରେ କମିଟି ରିପୋର୍ଟ ଦେଲେ।

ଏହି ରିପୋର୍ଟରେ ସରକାରଙ୍କୁ କେତେକ ପ୍ରସ୍ତାବ ଦିଆଗଲା। ଏହି ପ୍ରସ୍ତାବ ଅନୁଯାୟୀ ଆହୁଲା ମାରୁଥିବା ଲୋକଙ୍କର କାମ ତଦାରଖ ପାଇଁ ୪ଜଣ ଷ୍ଟିଅରିଂ ମ୍ୟାନେଜର, ତିନିଜଣ ଏରିଆ ଷ୍ଟିୟରିଂ ମ୍ୟାନେଜର ରହିବେ। ନୂଆ ବ୍ୟବସ୍ଥା ଅନୁଯାୟୀ ଆହୁଲା ମାରୁଥିବା ବ୍ୟକ୍ତିଙ୍କର କାର୍ଯ୍ୟ ସମୀକ୍ଷା କରାଯିବା ପରେ ସେମାନଙ୍କୁ ସେମାନଙ୍କର କାମ ଅନୁଯାୟୀ ପ୍ରୋତ୍ସାହନ ଭତ୍ତା ଦିଆଯିବ। ଏପରି ଯଦି କରାଯାଏ ତେବେ ଆସନ୍ତା ବର୍ଷ ଭାରତୀୟ ନୌଚାଳକମାନେ ନିଶ୍ଚିତ ଭାବେ ବିଜୟୀ ହେବେ ବୋଲି କମିଟି ମତ ଦେଲେ।

ପରବର୍ଷ ନୌଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେଲା। ତେବେ ଏଥିରେ ଭାରତୀୟ ନୌକାକୁ ୧୦ ମାଇଲ ପଛରେ ପକାଇ ଜାପାନୀ ନୌଚାଳକମାନେ ପୁଣି ବିଜୟୀ ହେଲେ। ଏଥିପାଇଁ ଭାରତୀୟ ନୌକାରେ ଆହୁଲା ମାରୁଥିବା ଲୋକମାନଙ୍କୁ ବହିଷ୍କାର କରାଗଲା ଏବଂ ମ୍ୟାନେଜରମାନେ ଆହୁଲା ମାରୁଥିବା ଲୋକଙ୍କର ଠିକ୍ ଭାବେ କାର୍ଯ୍ୟ ସମୀକ୍ଷା କରିପାରିଥିବା ହେତୁ ସେ ସମସ୍ତଙ୍କୁ ପ୍ରୋତ୍ସାହନ ଭତ୍ତା ଦିଆଯିବ ବୋଲି ଟାସ୍କଫୋର୍ସ ଦୃଢ ମତ ଦେଲେ।





ଭୁବନେଶ୍ୱର : ଓଡ଼ିଶା ଗସ୍ତରେ ଆସିଥିବା ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ ଓ ତାଙ୍କ ପତ୍ନୀ କୋଣାର୍କ ମନ୍ଦିର ଏବଂ ଐତିହ୍ୟ ଗ୍ରାମ ରଘୁରାଜପୁର ବୁଲି ଦେଖୁଛନ୍ତି। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ବିଜେଡିରେ ଯୋଗ ଦେବା ପରେ ହିଞ୍ଜିଳିକାଟୁ ବ୍ଲକର ବୁରୁପୋଡା ପଞ୍ଚାୟତର ସରପଞ୍ଚ, ୱାର୍ଡ ସଭ୍ୟଙ୍କ ସମେତ କର୍ମୀ ନବୀନ ନିବାସଠାରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଚରିତ୍ର ଉପରେ ସ୍ୱାମୀ ସନ୍ଦେହ କଲେ ଏକତ୍ର ରହିବା ପାଇଁ ପତ୍ନୀଙ୍କ ପ୍ରତ୍ୟାଖ୍ୟାନ ସ୍ୱାଭାବିକ : ହାଇକୋର୍ଟ

**କଟକ, ୧୮/୦୧ ନ୍ୟୁଜ ବ୍ୟୁରୋ**

ପ୍ରମାଣ ନଥାଇ ସ୍ତ୍ରୀର ଚରିତ୍ର ଉପରେ ସ୍ୱାମୀ ଆପତ୍ତି ଉଠାଇଲେ ସ୍ତ୍ରୀ ଅଲଗା ହୋଇ ରହିବାର ଯଥେଷ୍ଟ କାରଣ ବୋଲି ଧରାଯିବ। ଅନ୍ୟପଟରେ ସିଆରପିସିର ଧାରା ୧୨୫(୪)ରେ ତାଙ୍କୁ ରକ୍ଷଣାବେକ୍ଷଣ ଦାବିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏକ ବୈବାହିକ ବିବାଦ ତଥା ଭରଣପୋଷଣ ମାମଲାରେ ପରିବାର ଅଦାଲତଙ୍କ ଆଦେଶକୁ କାଏମ ରଖିବା ସହ



ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ରାୟ ଦେଇଛନ୍ତି। ଜଣେ ପତ୍ନୀଙ୍କ ପବିତ୍ରତା ହେଉଛି ଅମୂଲ୍ୟ ସମ୍ପତ୍ତି। ଏହା ଉପରେ ଯଦି ସ୍ୱାମୀ ସନ୍ଦେହ କରିଥାଏ, ତା'ହେଲେ ପତ୍ନୀ ଏକାଠି ରହିବା ପାଇଁ ପ୍ରତ୍ୟାଖ୍ୟାନ କରିବା ସ୍ୱାଭାବିକ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସ୍ୱାମୀ ଓ ପ୍ରତିପକ୍ଷ ପତ୍ନୀଙ୍କ ମଧ୍ୟରେ ଗତ ୨୦୨୧ରେ ବିବାହ ହୋଇଥିଲା। ତେବେ କିଛି ମାସ ଏକତ୍ର ରହିବା ପରେ ଉଭୟଙ୍କ ମଧ୍ୟରେ ମତଭେଦ ପାଇଁ ପତ୍ନୀ ଅଲଗା ରହିଥିଲେ। ଏପରିକି, ସିଆରପିସି ଧାରା ୧୨୫ ଅନୁସାରେ ଭରଣପୋଷଣ ଦାବି କରିଥିଲେ। ପତ୍ନୀଙ୍କ ଅଭିଯୋଗକୁ ସ୍ୱାମୀ ଅସ୍ୱୀକାର କରିଥିଲେ ବରଂ ପତ୍ନୀଙ୍କ ଚରିତ୍ର ଉପରେ ଆପତ୍ତି ଉଠାଇଥିଲେ। ପତ୍ନୀ ଅଲଗା ରହୁଥିବାରୁ ବାରିପଦା ପରିବାର ଅଦାଲତରେ ସ୍ୱାମୀଙ୍କଠାରୁ ମାସିକ ଭରଣପୋଷଣ ଅର୍ଥ ଦାବି କରି ମାମଲା କରିଥିଲେ। ଏହି ମାମଲାର ଶୁଣାଣି କରି ପରିବାର ଅଦାଲତ ଗତ ୨୦୨୩ ସେପ୍ଟେମ୍ବର ୨୭ରେ ମାସିକ ୩ ହଜାର ଟଙ୍କା ଭରଣପୋଷଣ ବାବଦ ଅର୍ଥ ରାଶି ପୈଠ କରିବା ପାଇଁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ସ୍ୱାମୀ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ତେବେ ଏହି ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

## ରାଜଭବନ ଉଦ୍ୟାନ ପରିଦର୍ଶନ ପାଇଁ ଜନସାଧାରଣ ବହୁ ସଂଖ୍ୟାରେ ଆସନ୍ତୁ : ରାଜ୍ୟପାଳ

**ଭୁବନେଶ୍ୱର,୧୮/୧ନ୍ୟୁଜ ବ୍ୟୁରୋ**

ଚଳିତବର୍ଷ ଜାନୁଆରୀ ୧୩ ରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜଭବନ ଉଦ୍ୟାନ ଜନସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲାଯାଇଥିବା ବେଳେ ଉଦ୍ୟାନ ପରିଦର୍ଶନ ପାଇଁ ହେଉଥିବା ଜନସମାଗମକୁ ଦେଖି ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଖୁସି ବ୍ୟକ୍ତ କରିଛନ୍ତି। ଶନିବାର ଅପରାହ୍ନରେ ରାଜଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ଜନସମାଗମ ଦେଖିଲା ପରେ ରାଜ୍ୟପାଳ ଜନସାଧାରଣଙ୍କ ସହିତ ମିଶି ବାର୍ତ୍ତାଳାପ କରିଥିଲେ।

ଶିଶୁମାନଙ୍କୁ ଦେଖି ରାଜ୍ୟପାଳ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ଏବଂ ସେମାନଙ୍କୁ ଚକଲେଟ୍ ଓ କଲମ ପ୍ରଦାନ କରି ଆଶୀର୍ବାଦ ଦେଇଥିଲେ। ଏପରି ସମାଗମ ରାଜଭବନ ଲୋକଙ୍କର ନିକଟତର ହେବାର ଏକ ମାଧ୍ୟମ ବୋଲି କହିବା ସହିତ ରାଜଭବନ ଉଦ୍ୟାନ ବର୍ଷକୁ ଏକାଧିକ ଥର ଖୋଲିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।

# ନବ ଦାସ ହତ୍ୟା ମାମଲାରେ ସିବିଆଇ ତଦନ୍ତ ଦାବି : ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ, ୧୮/୦୧ ନ୍ୟୁଜ ବ୍ୟୁରୋ**

ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ମାମଲାରେ ସିବିଆଇ ତଦନ୍ତ ଦାବି କରାଯାଇଛି। ଏନେଇ ହାଇକୋର୍ଟରେ ପୁଣି ମାମଲା ରୁଜୁ ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଏହି ମାମଲା ରୁଜୁ କରାଯାଇଛି । ପୂର୍ବରୁ ମଧ୍ୟ ଭାରତୀୟ ବିକାଶ ପରିଷଦ ପକ୍ଷରୁ ସମାନ ପ୍ରାର୍ଥନା ନେଇ ହାଇକୋର୍ଟରେ ଆବେଦନ ହୋଇଥିବା ବେଳେ ସେହି ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ । ୨୦୨୩ ମସିହା ଜାନୁଆରୀ ୨୯ ତାରିଖରେ ବ୍ରଜରାଜନଗରରେ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା କରାଯାଇଥିଲା । ଏହାପରେ ଏହି ମାମଲାର ସିବିଆଇ ତଦନ୍ତ ଦାବି କରି ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ତେବେ ତଦନ୍ତ ପ୍ରାରମ୍ଭିକ ସ୍ଥିତିରେ ଥିବାରୁ ୨୦୨୩ ଫେବୃୟାରୀ ୯ ତାରିଖରେ ମାମଲାକୁ ଖାରଜ କରିଥିଲେ । ଏହି ମାମଲାର ତଦନ୍ତ ଭାର ନେଇଥିଲା ଓଡ଼ିଶା କ୍ରାଇମବ୍ରାଞ୍ଚ। ହାଇକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଜେ.ପି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ଚାଲିଥିଲା । କ୍ରାଇମବ୍ରାଞ୍ଚ ଚାର୍ଜସିଟ କରିଥିବା ବେଳେ ମାମଲାର ଶୁଣାଣି ଝାରସୁଗୁଡା ଜିଲ୍ଲା କୋର୍ଟରେ ଚାଲିଛି । ଇତିମଧ୍ୟରେ ଦୁଇ ବର୍ଷ ଅତିକ୍ରାନ୍ତ ହେବାକୁ ବସିଲାଣି । ଏଭଳି ସ୍ଥିତିରେ ତଦନ୍ତର ସଠିକ ଅଗ୍ରଗତି ହୋଇ ନଥିବା ଦର୍ଶାଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ପୁଣି ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଏହି ମାମଲାରେ ସିବିଆଇ, ମୁଖ୍ୟ ସଚିବ, ଗୃହ ସଚିବ, ପୋଲିସ ଡ଼ିଜି ଓ କ୍ରାଇମବ୍ରାଞ୍ଚ ଡ଼ିଜିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏନେଇ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କହିଛନ୍ତି, 'ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ମାମଲାରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଏହି ଘଟଣାର ସିବିଆଇ ତଦନ୍ତ କରିବା ନେଇ ମାମଲା ଦାୟର କରାଯାଇଛି । ତାଙ୍କୁ ଜଣେ ପୋଲିସ କର୍ମଚାରୀ ହତ୍ୟା କରିଥିଲେ। ଯଦି ଏହି ମାମଲାରେ ଜଣେ ପୋଲିସ ଅଫିସର ତଦନ୍ତ କରିବେ ତେବେ ତଦନ୍ତ ବାଟମଣା ହେବ । ସେଥିପାଇଁ ସିବିଆଇ ତଦନ୍ତ କରିବା ପାଇଁ ଦାବି କରାଯାଇଛି । ୨୦୨୩ ମସିହା ଜାନୁଆରୀ ୨୯ ତାରିଖରେ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଝାରସୁଗୁଡାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଯାଇଥିବା ବେଳେ ସୁରକ୍ଷା ଦାୟିତ୍ୱରେ ଥିବା ଏଏସଆଇ ଗୋପାଳ ଦାସ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଗୁଳି କରିଥିଲା । ଏହି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲା । ବ୍ୟକ୍ତିଗତ ଆକ୍ରୋଶରୁ ହତ୍ୟା କରିଥିବା ନେଇ ପୋଲିସ ପ୍ରମାଣ ଦେଇଥିଲା।

# ଖଣ୍ଡଗିରି ମାଘ ମେଳା ପାଇଁ ବିଏମ୍‌ସିର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ

**ଭୁବନେଶ୍ୱର, ୧୮/୧ ନ୍ୟୁଜ ବ୍ୟୁରୋ**

ଆସନ୍ତା ଫେବ୍ରୁୟାରୀ ୪ରୁ ୧୨ ପର୍ଯ୍ୟନ୍ତ ଚାଲିବ ଖଣ୍ଡଗିରି ମେଳା। ଭୁବନେଶ୍ୱରର ଏହି ମେଳାକୁ ସରସ ସୁନ୍ଦର କରିବା ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ ବସିଥିଲା। ବହୁ ଦୂର, ଦୂରାନ୍ତରୁ ଏବଂ ଓଡ଼ିଶା ଭିତରୁ ଅନେକ ସାଧୁ ସଂନ୍ଥଙ୍କ ସମାଗମକୁ ଦୃଷ୍ଟିରେ ରଖି ଚଳିତ ଥର ନୂଆ କରି ୧୦୦୦ ସାଧୁଙ୍କ ଟେଣ୍ଟ ବ୍ୟବସ୍ଥା କରିବ ବିଏମସି। ସାଧୁସନ୍ଥଙ୍କ ରହିବା ସ୍ଥାନ ସହ ଶୌଚାଳୟ, ପିଇବା ପାଣି ବ୍ୟବସ୍ଥା ପାଇଁ ମାଷ୍ଟରପ୍ଲାନ କରିଛି ବିଏମ୍‌ସି । ଖଣ୍ଡଗିରି ଉପରେ ସ୍ଥାୟୀ ପାଣି ବ୍ୟବସ୍ଥା ମଧ୍ୟ କରାଯିବ। ସାଧୁ ସନ୍ଥମାନଙ୍କ ଆସିବାଠୁ ନେଇ ହୋମ ଯଜ୍ଞ ଏବଂ ରହିବାର ସମ୍ପୂର୍ଣ୍ଣ ବ୍ୟବସ୍ଥା କିଭଳି ଭଲ ଭାବେ ହୋଇପାରିବ ତାକୁ ନେଇ ଚିନ୍ତା କରାଯାଇଛି। ଅଧିକରୁ ଅଧିକ ଶୌଚାଳୟ ସହ ଲାଇଟ ବ୍ୟବସ୍ଥାକୁ ସଠିକ କରାଯିବ ବୋଲି




କହିଛନ୍ତି ମେୟର ସୁଲୋଚନା ଦାସ। ସୁରକ୍ଷା ଦୃଷ୍ଟିରୁ ବିଏମସି ପୋଲିସ ବିଭାଗ ସହ ଆଲୋଚନା କରିଛି। ପୂର୍ବ ଥର ୪୭ଟି ସିସି ଟିଭି ଇନଷ୍ଟଲ କରାଯାଇଥିଲା, ଯାହା ଏଥର ଅଧିକ କରାଯିବ। ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ନିୟୋଜିତ ହେବେ । ଏହା ସହ ସାଧା ପୋଷାକରେ ମଧ୍ୟ ପୋଲିସ ନଜର ରଖିବେ। ସେପଟେ ଚୋରି, ତସ୍କରି ରୋକିବା ପାଇଁ ବଞ୍ଜାରାମାନଙ୍କୁ ମେଳାରୁ ସାଇଡ଼ କରାଯିବ ବୋଲି କହିଛନ୍ତି ଜୋନ୍ ୩ ଏସିପି । ଏହା ସହ ପୋଲିସ ଫୋର୍ସ ସହ ବିଏମସିର ୧୫୦ ମେମ୍ବର ଟ୍ରାଫିକ ପରିଚାଳନାରେ ହେବେ ସାମିଲ। ସେପଟେ ଖଣ୍ଡଗିରି ମାଘ ମେଳାରେ ଯାତ୍ରାପ୍ରେମୀଙ୍କ ଭିଡ଼ ଲାଗେ। ପୂର୍ବରୁ କମିଟି ୩ ଯାତ୍ରା ଆର୍ଟିଷ୍ଟଙ୍କୁ ଖଣ୍ଡଗିରି ମନା ଟ୍ୟାଗ ଲଗାଇବା ପରେ ଶନିବାର ମଧ୍ୟ ଏ ନେଇ ବିଏମସି ବୈଠକରେ ଆଲୋଚନା ହୋଇଛି। ଏଥର ମୋଟ ୭ଟି ଯାତ୍ରା ପେଣ୍ଡାଲ ରହୁଛି। କୌଣସି ଯାତ୍ରା ଆର୍ଟିଷ୍ଟ ଅଶ୍ଳୀଳ ନୃତ୍ୟ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ସେଣ୍ଟ୍ରାଲ ଯାତ୍ରା କମିଟି ସମ୍ପାଦକ ପ୍ରମୋଦ କୁମାର ଜେନା। ଏ ବାବଦରେ ମଧ୍ୟ ପୋଲିସକୁ ଅଣ୍ଡରଟେକିଂ ଲେଖାଯାଇଛି। ସେପଟେ ଯାତ୍ରାରେ ଲୋକଙ୍କ ଅସମ୍ଭାଳ ଭିଡ଼କୁ କଣ୍ଟ୍ରୋଲ କରିବା ପାଇଁ କମିଟି ବେଶ୍ ଭଲ ଭାବେ କାମ କରିବ ବୋଲି କଥା ରଖିଛି। ଏଥର ଖଣ୍ଡଗିରି ଯାତ୍ରାରେ ଯାତ୍ରା ପ୍ରେମୀ ପରିବାର ସହ ଯାତ୍ରା ଦେଖିପାରିବେ। ସେପଟେ ଅନନ୍ତ କେଶରୀଙ୍କ ଯାତ୍ରା ପାଇଁ ଏଥର ବିଏମସି ପକ୍ଷରୁ ୪ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ତେବେ ଖଣ୍ଡଗିରି ମେଳା ସାଧୁସନ୍ଥଙ୍କ ଯେତିକି ଭିଡ଼, ତାହାଠୁ ଅଧିକ ନଜର ଯାତ୍ରା ଉପରେ । ସାଧୁ ସନ୍ଥଙ୍କ ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, ଚୋରିକୁ ଏଡାଇବା ସହ ଯାତ୍ରା ଭିଡ଼କୁ କଣ୍ଟ୍ରୋଲ କରିବା ପାଇଁ ବିଏମସି ପ୍ରସ୍ତୁତ ଥିବା ବେଳେ ଯାତ୍ରା କମିଟି ନିଜ ପ୍ରତିଶ୍ରୁତି କେତେ ବଜାୟ ରଖିପାରିବ ତାହା ଦେଖିବାକୁ ଅପେକ୍ଷା।



ସମ୍ପାଦକୀୟ
ପୃଷ୍ଠା–୪
ପଲ୍ଲୀବାସୀଙ୍କ ପାଇଁ ଚିନ୍ତାଜନକ

ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com

Vol-9 • Issue-28 • 15-21th January 2025 • Bhubaneswar

ଦୁଇ ଦେଶର ସମ୍ପର୍କ ଉପରେ ୟୁଏସ୍ ରାଷ୍ଟ୍ରଦୂତଙ୍କ ବୟାନ
'ଭାରତ ସହ ନିଜର ଭବିଷ୍ୟତକୁ ଦେଖୁଛି ଆମେରିକା'

ପ୍ରଧାନମନ୍ତ୍ରୀଙ୍କ ସାର୍ଟିଫିକେଟ ମାମଲା

କର୍ମଚାରୀଙ୍କ ପାଇଁ କାଳ ହେବ ଏଆଇର ବୃଦ୍ଧି
ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱର ୪୧% କମ୍ପାନୀ କର୍ମଶକ୍ତି ହ୍ରାସ କରିବାକୁ ହେଉଛନ୍ତି ପ୍ରସ୍ତୁତ

# ଶିମିଳିପାଳରେ ପୁଣି ବାର୍ହା ଶିକାର : ମାଂସ ସହ ୩ ଶିକାରୀ ଗିରଫ

**ବାଙ୍ଗିରିପୋଷି,୧୮/୧ ନ୍ୟୁଜ ବ୍ୟୁରୋ**

ଶିମିଳିପାଳ ଅଭୟାରଣ୍ୟରେ ଥମୁନି ଶିକାରୀଙ୍କ ପ୍ରାଦୁର୍ଭାବ। ବାରମ୍ବାର ଧରା ପଡ଼ିଲେ ମଧ୍ୟ ମନରେ ରହୁନି ଭୟ। ବାର୍ହା ଶିକାର କରି ପୁଣି ୩ ଜଣ ଶିକାରୀ ଧରାପଡ଼ିଛନ୍ତି। ବଡ଼ଗାଁ ରେଞ୍ଜ ଅଞ୍ଚଳରୁ ଏହି ଶିକାରୀମାନେ ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ୬ କିଲୋରୁ ଉର୍ଦ୍ଧ୍ୱ ମାଂସ ଜବତ ହୋଇଛି। ସୂଚନାନୁଯାୟୀ, ବଡ଼ଗାଁ ରେଞ୍ଜ ଅଞ୍ଚଳରେ କିଛି ଶିକାରୀ ଏକ ବାର୍ହା ମାରି ମାଂସ ରୋଷେଇ କରୁଥିବା



ବେଳେ କୌଣସି ସୂତ୍ରରୁ ସୂଚନା ପାଇ ଏସଟିଏଫ୍ ଟିମ୍ ଚଢଉ କରିଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ ଶିକାରୀଙ୍କୁ ଏସ୍‌ଟିଏଫ୍ ଅଟକ ରଖିଥିବା ବେଳେ ୬ କିଲୋରୁ ଉର୍ଦ୍ଧ୍ୱ ମାଂସ ଜବତ ହୋଇଛି। ଏତଦ୍ ବ୍ୟତୀତ ଶିକାରରେ ବ୍ୟବହୃତ ୨ଟି କୁରାଢି, ଡେକଚି, ବାସନକୁସନ ଜବତ ହୋଇଛି । ଏନେଇ ଅଧିକ ତଦନ୍ତ ଚାଲୁଥିବା ବେଳେ ବନ ବିଭାଗ ସେମାନଙ୍କ ନାଁ ପ୍ରକାଶ କରିନାହିଁ। ଘଟଣା ସ୍ଥଳରୁ ଜବତ ମାଂସକୁ ବାଙ୍ଗିରିପୋଷି ପଶୁ ଡାକ୍ତରଖାନାରେ ପରୀକ୍ଷଣ କରାଯାଇଥିବା ସୂଚନା ମିଳିଛି।

## ପୋଲିସ ଅଧିକାରୀଙ୍କୁ ମିଳିବ ବାଇକ୍ : ୬୭୯ ଥାନାକୁ ଦିଆଯିବ ସ୍କର୍ପିଓ

**ଭୁବନେଶ୍ୱର, ୧୮/୦୧ ନ୍ୟୁଜ ବ୍ୟୁରୋ**

ତଦନ୍ତକାରୀ ପୋଲିସ ଅଧିକାରୀଙ୍କୁ ମିଳିବ ବାଇକ୍ ଏବଂ ତଦନ୍ତ ସମ୍ପର୍କିତ କିଟ୍। ୬୭୯ ଥାନାକୁ ଦିଆଯିବ ସ୍କର୍ପିଓ ଗାଡି। ପ୍ରଥମ ପର୍ଯ୍ୟାୟରେ ୨୫୦୦ ବାଇକ୍ ଦିଆଯିବ। ଫେବୃୟାରୀ ୨୮ ସୁଦ୍ଧା ନୂଆ ଗାଡ଼ି ଥାନାରେ ପହଞ୍ଚିବ। ସେହିପରି ଇନଭେଷ୍ଟିଗେସନ କିଟ୍‌ରେ ରହିବ ଲାପଟପ୍, ସ୍ମାର୍ଟଫୋନ ଏବଂ ପେନଡ୍ରାଇଭ୍। ଆଇଆଇସି, ଏସଆଇ ଏବଂ ଏଏସଆଇଙ୍କୁ ମିଳିବ ଏହି କିଟ୍। କେବଳ ସେତିକି ନୁହେଁ ବାଇକ୍ ମେଣ୍ଟେନାନ୍ସ ଏବଂ ପେଟ୍ରୋଲ ଖର୍ଚ୍ଚ ମଧ୍ୟ ଦିଆଯିବ। ଏଥର ରାଜ୍ୟ ବଜେଟ୍‌ରେ ଏଥିପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ରହିବ। ଏନେଇ ପୋଲିସ ଡିଜି ୱାଇ ବି ଖୁରାନଆ ସୂଚନା ଦେଇଛନ୍ତି। ପୋଲିସ ଡିଜି କହିଛନ୍ତି ଯେ, ଗତ ବର୍ଷ ୨ ଲକ୍ଷ ୧୧ ହଜାର ଅପରାଧିକ ମାମଲା ରୁଜୁ ହୋଇଥିଲା। ଅଧିକାଂଶ ମାମଲା ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ପୋଲିସ ତଦନ୍ତ କରିଥିଲା। ଅନେକ ସମୟରେ ଅର୍ଥ ଅଭାବ ଯୋଗୁଁ ତଦନ୍ତରେ ବାଧା ସୃଷ୍ଟି ହେଉଥିଲା। ତେଣୁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସରକାରଙ୍କୁ ଏଥିପାଇଁ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ଓଡ଼ିଶା ସୀମାରେ ଥିବା ୧୧ଟି ଲୋକ ନଥିବା ଦ୍ୱୀପରେ ଜାତୀୟ ପତାକା ଲଗାଇବ ପୋଲିସ।

## ୯୩୩ ଏସ୍‌ଆଇ ପଦବୀ ପାଇଁ ବିଜ୍ଞାପନ ପ୍ରକାଶ

**ଭୁବନେଶ୍ୱର ୧୮ ।୧ ନ୍ୟୁଜ ବ୍ୟୁରୋ**

୯୩୩ ଏସ୍‌ଆଇ ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଛି । ଓଡ଼ିଶା ପୋଲିସର ୯୩୩ ଏସ୍‌ଆଇ ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଛି । ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇଥିବା ଜଣାପଡିଛି। ୬୦୯ ସବ୍ ଇନ୍ସପେକ୍ଟର ପଦବୀ ପାଇଁ ଆବେଦନ ଆହ୍ୱାନ କରାଯାଇଛି । ୨୫୩ ସବ୍ ଇନ୍ସପେକ୍ଟର (ଆର୍ମଡ) ପାଇଁ ବିଜ୍ଞାପନ ରହିଛି । ୪୭ ଷ୍ଟେସନ ଅଫିସର (ଫାୟାର ସର୍ଭିସ), ୨୪ ଆସିଷ୍ଟାଣ୍ଟ ଜେଲର ପଦବୀ ପାଇଁ ବି ଦରଖାସ୍ତ ଆହ୍ୱାନ କରାଯାଇଛି ।

# ସାରା ଓଡ଼ିଶାରେ ଚାଲିଛି ପକ୍ଷୀ ଗଣନା : ଗଣନାକାରୀ ଟିମ୍ ସହ ବିଶେଷଜ୍ଞ ଓ ଗାଇଡ୍ ନିୟୋଜିତ

**ଭୁବନେଶ୍ୱର,୧୮/୦୧ ନ୍ୟୁଜ ବ୍ୟୁରୋ**

ସମଗ୍ର ଓଡ଼ିଶାରେ ପକ୍ଷୀ ଗଣନା ଚାଲିଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଆନୁକୂଲ୍ୟରେ ଚିଲିକାରେ ଚାଲିଛି ପକ୍ଷୀଗଣନା । ବାଲୁଗାଁ, ସାତପଡ଼ା, ରମ୍ଭା, ଚିଲିକା ଓ ଟାଙ୍ଗୀ ଆଦି ପାଞ୍ଚଟି ରେଞ୍ଜରେ ୨୧ଟି ଟିମ୍‌ର ମୋଟ ୧୧୫ ଜଣ ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ କରାଯିବ । ଗଣନାକାରୀ ଟିମ୍‌ରେ ଜଣେ ଜଣେ ପକ୍ଷୀ ବିଶାରଦ, ୩ରୁ ୫ ଜଣ ପକ୍ଷୀ ବିଶେଷଜ୍ଞ ଓ ଗାଇଡ୍ ରହିଛନ୍ତି । ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ୨୧ଟି ଅସ୍ଥାୟୀ ପକ୍ଷୀ ସୁରକ୍ଷା ଶିବିର ଗଠନ କରାଯାଇ ୪୮ ଜଣ ଅସ୍ଥାୟୀ କର୍ମଚାରୀ ମଧ୍ୟ ନିୟୋଜିତ ହୋଇଛନ୍ତି। ତେବେ ଶନିବାର ରାଜ୍ୟର ସମସ୍ତ ଜଳାଶୟରେ ପକ୍ଷୀଗଣନା କାର୍ଯ୍ୟ କରାଯାଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ଚନ୍ଦ୍ରାପୁଟସ୍ଥିତ ଆର୍ଦ୍ରଭୂମି ଅନୁସନ୍ଧାନ ଏବଂ ତାଲିମ କେନ୍ଦ୍ରରେ ପକ୍ଷୀ ଗଣନାକାରୀଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗ ଦେଇଥିଲେ। ଫ୍ଲେମିଙ୍ଗୋ ପକ୍ଷୀଙ୍କ ଉଡ଼ାଣ ମାର୍ଗ ଓ ପ୍ରକୃତ ବାସସ୍ଥାନ ଜାଣିବା ପାଇଁ ଏଥର ୧୦ଟି ଫ୍ଲେମିଙ୍ଗୋ ପକ୍ଷୀ ଗୋଡ଼ରେ ସାଟେଲାଇଟ ଟ୍ରାକିଂ ରିଙ୍ଗ ଲଗାଯିବା ପାଇଁ ବନବିଭାଗ ଯୋଜନା କରିଛି । ଗତ ସପ୍ତାହରେ ପ୍ରାଥମିକ ଭାବେ ୨ଟି ଫ୍ଲେମିଙ୍ଗୋ ଗୋଡ଼ରେ ଏହି ସାଟେଲାଇଟ୍ ଟ୍ରାକିଂ ରିଙ୍ଗ ଲଗାଯାଇଛି । ଏହି ପକ୍ଷୀ ନିଜ ଇଲାକାକୁ ଫେରିବା ବେଳେ ପକ୍ଷୀମାନଙ୍କର ଗତିବିଧିକୁ ଟ୍ରାକ



କରାଯିବ । ସେହିପରି ଜାନୁଆରୀ ୨୦ ତାରିଖରେ ଚିଲିକାରେ ଇରାୱାଡ଼ି ଡଲ୍‌ଫିନ୍ ଗଣନା ହେବ। ସେଥିପାଇଁ ୧୯ ତାରିଖରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବ । ବାଲୁଗାଁ ଓ ସାତପଡ଼ାଠାରେ ଦୁଇଟି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ । ୧୮ଟି ଦଳ ଡଲ୍‌ଫିନ୍ ଗଣନା କାର୍ଯ୍ୟରେ ସାମିଲ ହେବେ । ପକ୍ଷୀ ଓ ଡଲ୍‌ଫିନ୍ ଗଣନାରେ ସହଯୋଗ କରିବାକୁ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ସ୍ଥାନୀୟ ମତ୍ସ୍ୟଜୀବୀ ଓ ଡଙ୍ଗାଚାଳକ ସଂଘକୁ ଅନୁରୋଧ କରିଛନ୍ତି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମଶଙ୍କର ଝା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ମନୋଜ ଭି. ନାୟାର, ଚିଲିକା ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶନିବାର ସକାଳୁ ହୀରାକୁଦ ଜଳଭଣ୍ଡାରରେ ମଧ୍ୟ ଆରମ୍ଭ ହୋଇଛି ପକ୍ଷୀ ଗଣନା । ଏନେଇ ସମସ୍ତ ପ୍ରସ୍ତୁତି ପୂର୍ବରୁ ସରିଥିବା ବେଳେ ଶନିବାରଠାରୁ ଆରମ୍ଭ ହୋଇଛି ଗଣନା । ଏନେଇ ୨୧ଟି ସେକ୍ଟର କରାଯାଇଥିବା ବେଳେ ଜଳଭଣ୍ଡାରରେ ୫୩୩ ବର୍ଗ କିଲୋମିଟର ଯାଏଁ ଏହି ଗଣନା କରାଯିବ । ସେହିପରି ପାୱାର କେନାଲର ୫.୭ ବର୍ଗ କିଲୋମିଟର ଏଥିରେ ସାମିଲ ରହିଛି । ଚଳିତ ବର୍ଷ ଛତିଶଗଡ ବର୍ଡରର ସୁଖାସୋଡା ଓ ଅନ୍ତରାଡି ଯାଏଁ ଏହି ଗଣନା କରାଯାଉଛି । ଏନେଇ ୩୨ ଟି ବୋଟ୍ ମାଧ୍ୟମରେ ୩୨ଟି ଗ୍ରୁପ କରାଯାଇଥିବା ବେଳେ ୭୦ ଜଣ ସାମିଲ ହୋଇଛନ୍ତି। ତେବେ ଚଳିତ ଥର ପକ୍ଷୀ ସଂଖ୍ୟା ବଢିଛି ନା କମିଛି ତାହା ଅନୁଧ୍ୟାନ କରାଯିବ । ୨୦୨୧ ମସିହାରେ ୯୮ ପ୍ରଜାତିର ୧ଲକ୍ଷ ୨୪ ହଜାର ପକ୍ଷୀ, ୨୦୨୨ ମସିହାରେ ୧୦୪ ପ୍ରଜାତିର ୨ ଲକ୍ଷ ୮ ହଜାର ପକ୍ଷୀ ଓ ୨୦୨୩ ମସିହାରେ ୧୦୮ ପ୍ରଜାତିର ୩ ଲକ୍ଷ ୧୬ ହଜାର ପକ୍ଷୀ ଆସିଥିବା ଜଣାପଡିଛି । ତେବେ ଚଳିତ ୨୦୨୫ ରେ ଏହି ସଂଖ୍ୟା ବଢିବା ନେଇ ଆକଳନ କରାଯାଉଛି । ସେହିପରି ପୁରୀ ବନ୍ୟ ପ୍ରାଣୀ ଡିଭିଜନରେ ଆରମ୍ଭ ହୋଇଛି ପକ୍ଷୀ ଗଣନା । ୫ଟି ରେଞ୍ଜରେ ପକ୍ଷୀ ଗଣନା କାର୍ଯ୍ୟ ଚାଲିଥିବା ବେଳେ ଏଥିରେ ୨୫ଟି ଟିମ୍ ସାମିଲ ହୋଇଛନ୍ତି। ବ୍ରହ୍ମଗିରି ରେଞ୍ଜରେ ଭୋର ସାଢେ ୫ଟାରୁ ପକ୍ଷୀ ଗଣନା ଆରମ୍ଭ ହୋଇଥିବା ବେଳେ ଗଣନା କର୍ଯ୍ୟରେ ୪ଟି ଟିମ୍ ସାମିଲ ହୋଇଛନ୍ତି । ପ୍ରତ୍ୟେକ ଟିମ୍‌ରେ ୪ରୁ ୫ ଜଣ ସାମିଲ ହୋଇଛନ୍ତି । ସେପଟେ ପାଟଣା ରେଞ୍ଜରେ ମଧ୍ୟ ପକ୍ଷୀ ଗଣନା ଆରମ୍ଭ କରାଯାଇଛି । ଖିରେଇଟାଙ୍ଗିରୀ ସେକ୍ସନ ବଡ଼ବନ୍ଧ ଏବଂ ରାଜନଗର ବୈତରଣୀ ନଦୀର ଚଢ଼େଇକୁଦର ଘାଟରେ ଚାଲିଛି ପକ୍ଷୀ ଗଣନା କାର୍ଯ୍ୟ। ପକ୍ଷୀ ଗଣନା ପାଇଁ ଦୁଇଟି ଟିମ୍ ଗଠନ କରି ଗଣନା କରାଯାଉଛି ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

**ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।**

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com